## ସଂକ୍ଷେପରେ

### ଗଳିତ ମୃତଦେହ ଠାବ

**ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କରନପିଟା ଜଗନ୍ନାଥ ମନ୍ଦିର ନିକଟରେ ବୁଧବାର ସ୍ଥାନୀୟ ପୋଲିସ ଏକ ଗଳିତ ମୃତଦେହକୁ ଠାବ କରିଛି। ମୃତ ଦେହଟି ୨୦ରୁ ଅଧିକ ଦିନର ହୋଇଥିବାବେଳେ ଏହା ପୁରୁଷ କି ମହିଳା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡିନାହିଁ। ଗୁରୁବାର ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କଲାପରେ ମୃତଦେହ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡିବ ବୋଲି ଭବାନୀପାଟଣା ସଦର ଥାନା ଆଇଆଇସି ନରେଶ ପ୍ରଧାନ ସୂଚନା ଦେଇଛନ୍ତି।

### ୩ ସ୍ଥାନରୁ ଚୋରି: ଟେର ପାଉନି ପୋଲିସ

**କେସିଙ୍ଗା,୪।୧୨(ତ୍ରିଭୁବନେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ଗତ ୧ ତାରିଖ ରାତିରେ କେସିଙ୍ଗାର ବିଶିଷ୍ଟ ବ୍ୟବସାୟୀ ଗୋପାଳ ପ୍ରସାଦ ଅଗ୍ରୱାଲଙ୍କ ଘରେ ଚୋରମାନେ ପଶି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ନଗଦ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସେହିପରି ମଙ୍ଗଳବାର ରାତିରେ ଚିରଞ୍ଜିବୀ ସିନେମା ହଲ ପାଖରେ ଥିବା ଜଗଦମ୍ବା ଚପଲ ଶୋ ରୁମ ଓ କେସିଙ୍ଗା ଏନ୍‌ଏସି ଅଫିସ କଡ଼ରେ ଥିବା କପଡ଼ା ଦୋକାନର ଶଟର ତାଡି ଚୋରି ହୋଇଛି। ଦୋକାନରୁ କ'ଣ ସାମଗ୍ରୀ ଚୋରି ହୋଇଛି ତାହାର ଆକଳନ କରାଯାଇ ନାହିଁ। ପୋଲିସର ପାଟ୍ରୋଲିଂ ହେଉଥିଲେ ମଧ୍ୟ ରାସ୍ତା କଡ଼ରୁ ଚୋରି ନେଇ ପ୍ରଶ୍ନ ଉଠୁଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ବିପୁଳ ମଦ ଜବତ, ଜଣେ ଗିରଫ

**ଖଡ଼ିଆଳ,୪।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଦୁକଲା ଗ୍ରାମର ମାଲପଡ଼ାଠାରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା। ଏହି ସମୟରେ ଦୋକାନ ମାଲିକଙ୍କଠାରୁ ୫୪ ଲିଟର ବିଭିନ୍ନ ପ୍ରକାର ବିଦେଶୀ ମଦ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି।

### ଜୁନାଗଡ଼ଠାରେ ଧାନମଣ୍ଡି ଉଦ୍‌ଘାଟିତ

**ଜୁନାଗଡ଼,୪।୧୨(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ପ୍ୟାକ୍ସ ଅଧ୍ୟକ୍ଷ ତଥା ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼ ଅଧ୍ୟକ୍ଷତା କରିଥିବାବେଳେ ବିଡିଓ ଦେବାଶିଷ କର, ସମ୍ପାଦକ ଉଦିତ ବାବୁ, ମଣ୍ଡି ନୋଡାଲ ଅଧିକାରୀ ସସ୍ମିତା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଦିନରେ ଜୁନାଗଡ଼ ଅଞ୍ଚଳରେ ସମସ୍ତଙ୍କ ସହଯୋଗରେ ଧାନ କିଣାକୁ କିପରି ସୁରୁଖୁରୁରେ କରାଯିବା ସେଥିପାଇଁ ସମସ୍ତେ ଗୁରୁତ୍ୱାରୋପ କରିଥିଲେ।

### ବ୍ଲକ୍‌ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ

**କୋକସରା,୪।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ବିଭାଗ ଅଧିକାରୀ ତୋଫାନ ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ କ୍ଷେତିରାମ ପାତ୍ର ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ଦୟାନିଧି ହଂସ ମୁଖ୍ୟବକ୍ତା ଓ ଭାଜପା ନେତା ସୁଧୀର କୁମାର ପାତ୍ର, ଏବିଇଓ ଦୟାନିଧି ପାଢ଼ୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ଶିକ୍ଷା ବିଭାଗର ଯୋଜନା ବିଷୟରେ ଅବଗତ କରିଥିଲେ।

# କୁଟ୍ରୁଖମାରଠାରେ ଅଣ୍ଡରବ୍ରିଜ୍ ନିର୍ମାଣ ଦାବି

**ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ କୁଟ୍ରୁଖମାର ନିକଟ ବାଦଲିଠାରେ ରେଳ ଲାଇନ ନିର୍ମାଣ ଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୨ ପଞ୍ଚାୟତର ଲୋକେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ ଓ ପୂର୍ବତନ ଜିଲାପାଳ ଡ଼ି. ବୃନ୍ଦା, ପି. ଅନ୍ୱେଷା ରେଡ୍ଡୀ ରେଳ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିଲେ। ବର୍ତ୍ତମାନ କଳାହାଣ୍ଡି ଲୋକ ସଭା ଏମ୍‌ପି ମାଳବିକା ଦେଓ ଏଠାରେ ଆର୍‌ଓବି (ଅଣ୍ଡରବ୍ରିଜ) ନିର୍ମାଣ ପାଇଁ ସମ୍ବଲପୁର ଡ଼ିଆର୍‌ଏମ୍‌ଙ୍କୁ ଲିଖିତ ଭାବେ ପତ୍ରରେ ଅନୁରୋଧ କରିଛନ୍ତି। ଆର୍‌ଓବି ନିର୍ମାଣ ହୋଇ ନ ଥିବାରୁ ଏହି ରାସ୍ତା ଦେଇ ଯାନବାହନ ସହ ସାଧାରଣ ଲୋକେ



କୁଟ୍ରୁଖମାର-ବାଦଲି ରେଳ ଲାଇନ।

ଯିବାଆସିବା ପାଇଁ ହଇରାଣ ହେଉଛନ୍ତି। ଏହା ନିକଟରେ ଥିବା ଫ୍ଲାଏଆଶ୍ ଇଣ୍ଡଷ୍ଟ୍ରିକୁ ମଧ୍ୟ ଯିବାଆସିବା ବାଧାପ୍ରାପ୍ତ ହେଉଛି। ଚାଷୀମାନେ ନିଜ ଜମିକୁ କୃଷି ଯନ୍ତ୍ରପାତି ନେବାଆଣିବା ପାଇଁ ହଇରାଣ ହେଉଛନ୍ତି। ଏହି ରାସ୍ତାରେ ପୂର୍ବରୁ ପଞ୍ଚାୟତ ପକ୍ଷରୁ ରାସ୍ତାକାର୍ଯ୍ୟ କରାଯାଇଥିଲା। କିନ୍ତୁ ରେଳ ଧାରଣା ହେବା ପରେ ଏହା ଲୋକଙ୍କ କାମରେ ଆସିପାରୁ ନାହିଁ। କୁଟ୍ରୁଖମାରି ପଞ୍ଚାୟତର ସରପଞ୍ଚ

**ସମାଧାନ ନ ହେଲେ ଆନ୍ଦୋଳନ ନିଷ୍ପତ୍ତି**

ଚଳନା ଚଣ୍ଡୀ ଓ ଗଣ୍ଡବାରଖୋଲା ପଞ୍ଚାୟତ ସରପଞ୍ଚ ମୁରାରୀ ପୂର୍ବରୁ ରେଳବାଇ ଡ଼ିଆର୍‌ଏମ୍‌ଙ୍କୁ ଲିଖିତ ଭାବେ ଜଣାଇଛନ୍ତି।ଏହି ରେଳଧାରଣା ଯୋଗୁ ଉଭୟ କୁଟ୍ରୁଖମାର ଓ ଗଣ୍ଡବାରଖୋଲା ପଞ୍ଚାୟତର ଲୋକେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। କଳାହାଣ୍ଡି ଲୋକ ସଭା ଏମ୍‌ପି ମାଳବିକା ଦେଓ ଓ ବରଗଡ଼ ଲୋକ ସଭା ଏମ୍‌ପି ପ୍ରଦୀପ ପୁରୋହିତ ରେଳମନ୍ତ୍ରୀଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ରେଳବାଇ ପକ୍ଷରୁ ଏ ନେଇ ତୁରନ୍ତ କୌଣସି ପଦକ୍ଷେପ ନ ନେଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ସ୍ୱେଚ୍ଛାସେବୀ ସଙ୍ଗଠନର ସ୍ୱଚ୍ଛତା କାର୍ଯ୍ୟକ୍ରମ

**କୋକସରା,୪।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)** କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝୀଗୁଡ଼ାଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ୱେଲ୍‌ଫେୟାର ଅର୍ଗାନାଇଜେଶନ ପକ୍ଷରୁ ସାମାଜିକ କର୍ମୀ ଆକାଶ ରଣାଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ପଡାରେ ଥିବା ରାସ୍ତାଘାଟ, ଡ୍ରେନ୍‌ର ମଇଳା ଆବର୍ଜନା ସଫାସୁତୁରା କରିବା ସହ ଗ୍ରାମବାସୀଙ୍କୁ ଗ୍ରାମ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ କ୍ଷୀରୋଦ ରଣା, ବିଷ୍ଣୁ ରଣା, ଚନ୍ଦନ ରଣା, ବଣ୍ଟି ରଣା, ତାପସ ରଣା, ଗୁନା ରଣା, ଧନବଳ ରଣା, ମହାବୀର ରଣା, ବିପନ୍ଦ୍ର ରଣା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜାନୁଆରୀ ୧୪, ୧୫ରେ କଳାହାଣ୍ଡି ଉତ୍ସବ ଘୁମୁରା



କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ।

**ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଆୟୋଜିତ ହେଉଥିବା କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ପାଇଁ ମଙ୍ଗଳବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ୨୭ତମ କଳାହାଣ୍ଡି ଉତ୍ସବ କିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ତା୧୪।୧।୨୦୨୫ ରୁ୧୭।୧।୨୦୨୫ରିଖି ପର୍ଯ୍ୟନ୍ତ ଭବାନୀପାଟଣାସ୍ଥିତ ଲାଲବାହାଦୁର

**ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ**

ଶାସ୍ତ୍ରୀ ଷ୍ଟାଡିୟମ ଓ ତା୧୫।୧।୨୦୨୫ରୁ ୧୭।୧।୨୦୨୫ରିଖି ପର୍ଯ୍ୟନ୍ତ ଧର୍ମଗଡ଼ଠାରେ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ପୂର୍ବବର୍ଷ ଭଳି ପଞ୍ଚାୟତ, ବ୍ଲକ୍ ଓ ପୌରାଞ୍ଚଳ, ଜିଲା ସ୍ତରରେ ଜିଲା ସଂସ୍କୃତି ପରିଷଦ ଦ୍ୱାରା ନିର୍ଦ୍ଧାରିତ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ ଉପଜିଲାପାଳ ଧିମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଏମ୍‌ପି ପ୍ରତିନିଧି ଜୟଶଙ୍କର ନାୟକ, ଭବାନୀପାଟଣା ବିଧାୟକ ପ୍ରତିନିଧି ଉଚ୍ଛବ ସାହୁ, ଧର୍ମଗଡ଼ ବିଧାୟକ ପ୍ରତିନିଧି ହୃଷିକେଶ ମିଶ୍ର, ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୌରପାଳିକା ଭାରପ୍ରାପ୍ତ ଅଧ୍ୟକ୍ଷ ବିଷ୍ଣୁଚରଣ ପ୍ରଧାନ, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପରିଚାଳନା କରିଥିଲେ।

### ଗୋଲାମୁଣ୍ଡାଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ

**ଗୋଲାମୁଣ୍ଡା, ୪।୧୨(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗୋଲାମୁଣ୍ଡାଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ବିଇଓ ଭବାନୀ ଶଙ୍କର ଯୋଶୀ ମୁଖ୍ୟଅତିଥି ଓ ଏବିଇଓ ଲବଣି ନାଏକ, ପ୍ରଧାନ ଶିକ୍ଷକ ରାଜୀବ କୁମାର ଖମାରୀ, ବିଆର୍‌ସି ଅବନୀ ପ୍ରଧାନ, ଆଇଇଭି ଶିବ ତ୍ରିପାଠୀ, ଜନାର୍ଦ୍ଦନ ନାଗ, କମଳ ଲୋଚନ ବର୍ଗତ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଆର୍‌ସି ଅବନୀ ପ୍ରଧାନ ପରିଚାଳନା କରିଥିବା ବେଳେ ରାଜୀବ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୪।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳର ପୂର୍ବତନ ବିଡିଓ ବୀରସେନ ବେହେରାଙ୍କୁ ପଞ୍ଚାୟତ ସମିତି ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବୀରସେନ ବେହେରା, ବିଡ଼ିଓ ଦାୟିତ୍ୱରେ ଥିବା ନରସିଂହ ଗଡବା, ଏଇଇ ରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ପୂର୍ବତନ ବିଡିଓଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସଭାକୁ ବିନୋଦ ପଣ୍ଡା ପରିଚାଳନା କରିଥିବା ବେଳେ ବିଭୁତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଡିୟୁଜେର ସାଧାରଣ ପରିଷଦ ବୈଠକ


ନୂତନ ସଭାପତିଙ୍କୁ ସମ୍ମାନିତ କରାଯାଉଛି।

**ନୂଆପଡ଼ା,୪।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ତିଖାଳି ଡାକ ବଙ୍ଗଳାଠାରେ ବୁଧବାର ନୂଆପଡ଼ା ଡିଷ୍ଟ୍ରିକ୍ଟ ୟୁନିଅନ ଅଫ ଜର୍ନାଲିଷ୍ଟ (ଏନଡିୟୁଜେ) ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓୟୁଜେ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର ମୁଖ୍ୟଅତିଥି, ଓୟୁଜେ ବଲାଙ୍ଗୀର ଶାଖା ସଭାପତି ବଦ୍ରି ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ନୂଆପଡା ଜିଲା ପର୍ଯ୍ୟବେକ୍ଷକ ଭାବରେ ରଜୁରାଜ ସିଂଦେଓ ଯୋଗଦେଇ ସଂଗଠନ କିଭଳି ମଜଭୁତ ହୋଇ ଜିଲାର ସମସ୍ୟା ପ୍ରଶାସନ ପାଖରେ ଉପସ୍ଥାପନ କରିବ ସେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶୁଭ୍ରାଂଶୁ ନାଏକ ଜିଲା ସଭାପତି, ସାଧାରଣ ସମ୍ପାଦକ ମକାରୁ ବେମାଲ, ଉପସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ସହସମ୍ପାଦକ ଭାଗ୍ୟବାନ ମାଝି, କୋଷାଧ୍ୟକ୍ଷ ସତ୍ୟବ୍ରତ ଷଡଙ୍ଗୀ ଓ ଶାନ୍ତି କମିଟି ଚେୟାରମ୍ୟାନ ଭାବରେ ବିଶିକେସନ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସେହିପରି ସିନାପାଲି ବ୍ଲକ ସଭାପତି ରମେଶ ଜଗତ, ଖଡିଆଳ ମାଇକେଲ ନନ୍ଦ, କୋମନା ରଞ୍ଜିତ ପଣ୍ଡା, ନୁଆପଡ଼ା ଦେବଦାସ ପାଢୀ ଓ ବୋଡେନ ବ୍ଲକ ସଭାପତି ଭାବରେ ଗଣେଶ ଚନ୍ଦ୍ର ବାଗଙ୍କୁ ଚୟନ କରାଯାଇଛି । ଯୁଗଳ କିଶୋର ମହାନନ୍ଦଙ୍କୁ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଦାୟିତ୍ୱ ଦିଆଯାଇଛି। ବୈଠକରେ ନୀଳମଣି ପଣ୍ଡା, ରମାକାନ୍ତ ବନଛୋର, ହରେରାମ କରୁଆ, ଉପେନ୍ଦ୍ର ମଟାରୀ, ଦିନେସ ଛତ୍ରିଆ, ଗୟାରାମ ମେହେର, ବିକାଶ ଖର୍ସେଲ, ରାମନାଥ ପଣ୍ଡା, ଧନମତ ନିଆଲ, ଝସକେତନ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୪।୧୨ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ୨୦୨୨ ମସିହାରେ ହୋଇଥିବା ନାବାଳିକା ଅପହରଣ ଓ ଯୌନ ନିର୍ଯାତନା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସ୍ମୃତି ଲେଖା ବାରିକ ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ୩ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତମାନେ ହେଲେ ଥୁଆମୂଳ ରାମପୁର ଥାନା ତାସିଗୁଡ଼ାର ହୁବିଲାଲ ନାଏକ ଓ ଜପିନ କୁମାର ନାଏକ ଏବଂ

**ନାବାଳିକାଙ୍କୁ ଅପହରଣ ମାମଲା**

ଜୟପାଟଣା ଥାନା ଧନଶୁଳି ଗ୍ରାମର ପବିତ୍ର ନାଏକ। ମାମଲାର ବିବରଣୀରୁ ପ୍ରକାଶ ଯେ, ପୀଡିତା ନାବାଳିକା ତାଙ୍କ ଅଜା ଘରକୁ ବୁଲିବାକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରି ଯୌନ ନିର୍ଯାତନା ଦେଇଥିଲେ। ଏ ନେଇ ପୀଡିତାଙ୍କ ବାପା ୨୦୨୨ ମାର୍ଚ୍ଚ ୩ରେ ଜୟପାଟଣା ଥାନାରେ ଏକ ଏତଲା ଦେଇଥିଲେ। ପରେ ପୋଲିସ ସହାୟତାରେ ପୀଡିତାଙ୍କୁ ଉଦ୍ଧାର କରାଯାଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ (ପିପି) ରୋହିତ କୁମାର ମିଶ୍ର ପରିଚାଳନା କରୁଥିଲେ।

# ୨୨ରୁ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ



ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ।

**ଭବାନୀପାଟଣା,୪।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ଆସନ୍ତା ଡିସେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଟାଉନ ହଲଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ନାଟ୍ୟକାର ମନୋଜ ରଥଙ୍କ ରଚିତ ଓ ସୌରଭ ମହାପାତ୍ରଙ୍କ ନିର୍ଦ୍ଦେଶିତ ସ୍ମାରକୀ ନାଟ୍ୟ ସଂସ୍ଥାର ନାଟକ 'ଜୟଯାତ୍ରା' ଓ ତଥାଗତ ମିଶ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ 'ଅର୍ଦ୍ଧବାକ୍ୟ' ନାଟକ ମଞ୍ଚସ୍ଥ ହେବ। ସେହିପରି ଉଦ୍‌ଯାପନୀ ଦିବସରେ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ବାଗଦେବୀ ଲିଟରେଚର ଟ୍ରଷ୍ଟ, ଭୁବନେଶ୍ୱରର ନାଟକ 'ଜାତି ନନ୍ଦିଘୋଷ' ମଞ୍ଚସ୍ଥ ହେବ। ଏହି ଅବସରରେ ନାଟକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ ବିଶିଷ୍ଟ ଅଭିନେତା ବସନ୍ତ ପଣ୍ଡା, ମନୋଜ ଶର୍ମା, କାହ୍ନୁ ଚରଣ ଗଉଡ ଏବଂ ଆଶୁତୋଷ ପୁରୋହିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ଏବଂ ସମ୍ପାଦକ ସୌରଭ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଅପରାହ୍ନରେ ଭବାନୀପାଟଣାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଅଭିନେତା ଶୁଭେନ୍ଦୁ ମହାପାତ୍ର, ଶଶାଙ୍କ ମହାପାତ୍ର, ଧ୍ୟାନାନନ୍ଦ ପଣ୍ଡା, ସୁଧୀର ରଥ, ଦେବୀ ପ୍ରସାଦ ରଥ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ଶିବଶକ୍ତି ପୁରୋହିତ, ତଥାଗତ ମିଶ୍ର, ଅନିଲ ବୈଠାରୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜିଲାପାଳଙ୍କ ତ୍ରିଲୋଚନପୁର ପଞ୍ଚାୟତ ଗସ୍ତ

**ପ୍ରଧାନମନ୍ତ୍ରୀଙ୍କ ଜନମନ ଯୋଜନା ଗୃହର ଭୂମିପୂଜନ**

**ଲାଞ୍ଜିଗଡ଼,୪।୧୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ବୁଧବାର ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର କୁନାକାଡୁ ଗ୍ରାମ ଗସ୍ତ କରି ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ପାହାଡ଼ ଉପରେ ବସବାସ କରୁଥିବା ୯ ଗୋଟି କୁଟିଆ କନ୍ଧ ଜନଜାତି ପରିବାରଙ୍କ ପାଇଁ ନିର୍ମାଣ ହେବାକୁ ଥିବା ଘରପାଇଁ ପାଲବେରୀ ନିକଟରେ ଭୂମିପୂଜନ କରିଥିଲେ। ଜିଲାପାଳ ପ୍ରଥମେ ତ୍ରିଲୋଚନପୁର ପଞ୍ଚାୟତର ଫୁଲଡୁମର ଗସ୍ତ କରି ସେଠାରେ କୁଟିଆ କନ୍ଧ ଜନଜାତିର ମହିଳାପୁରୁଷଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ନିର୍ମାଣ


ନିର୍ମାଣାଧୀନ ଘର ବୁଲିଦେଖୁଛନ୍ତି ଜିଲାପାଳ।

ହେଉଥିବା ୧୨ ଗୋଟି ଘରର ତଦାରଖ କରିଥିଲେ। ସୂଚନାଥାଉ କି ଏହି ଆଦିବାସୀ ଅଧ୍ୟୁଷିତ କୁନକାଡୁ ଗ୍ରାମକୁ ଆଜିପର୍ଯ୍ୟନ୍ତ କୌଣସି ଜିଲାପାଳଙ୍କ ପାଦ ପଡି ନ ଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହିତ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର, ଜିଲା ଗ୍ରାମୀଣ ଗୃହ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ କୁମାର ନାୟକ, ପିଇଓ ତାପସ କୁମାର ସାହୁ, ନାଏବ ସରପଞ୍ଚ ତରଣୀସେନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ନୂଆପଡ଼ା,୪।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଖରିଆର ରୋଡଠାରେ ବ୍ଲକ ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ନୂଆପଡା ବିଇଓ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ ମୁଖ୍ୟଅତିଥି, ଏବିଇଓ ଚକ୍ଷତରାମ ନାଏକ, ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଡିଇଓ କରୁଣାକର ଭୁଏ ମୁଖ୍ୟଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଏ ୨ ଗ୍ରେଡ ପାଇଥିବା ଭାନପୁର ଉଚ୍ଚ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ କୁମକୁମ ଚନ୍ଦ୍ରକାରଙ୍କୁ ମୁଖ୍ୟଅତିଥି ଉପଢୌକନ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ବାଳିକା ଓ ବାଳକ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର

**ଥୁଆମୂଳ ରାମପୁର,୪।୧୨(ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁରଠାରୁ ମହୁଲପାଟଣାକୁ ସଂଯୋଗ କରୁଥିବା ରାସ୍ତା ନବୀକରଣ ଓ ସମ୍ପ୍ରସାରଣ ପିଡବ୍ଲୁଡି ବିଭାଗ ଦ୍ୱାରା କରାଯାଉଛି। ହେଲେ ରାସ୍ତାକାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ କେତେଜଣ ସଚେତନ ଯୁବକ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ସହ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପୂର୍ତ୍ତ ବିଭାଗ ଅଧୀନରେ ଥିବା ବ୍ଲକର ମୁଖ୍ୟରାସ୍ତା ଦେଇ ପ୍ରତ୍ୟେକ ଦିନ ଶତାଧିକ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଯିବାଆସିବା କରୁଛି। କିନ୍ତୁ ଏହି ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଥିବାରୁ ବିପଦ ସୃଷ୍ଟି କରୁଛି। ତୁରନ୍ତ ଏହାକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିନା ସୂଚନା ଫଳକରେ


ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ।

ରାସ୍ତା କାମ ଚାଲିଛି। ବର୍ତ୍ତମାନ ଥୁଆମୂଳ ରାମପୁର ଓ ମହୁଲପାଟଣା ମୁଖ୍ୟ ରାସ୍ତାରେ ପିଚୁ ଢାଳିବା କାମ ଚାଲିଥିଲେ ହେଁ କିଛି ସମୟ ପରେ ତାହା ଉଠିଯାଉଛି। ପୁଣି କାର୍ଯ୍ୟସ୍ଥଳରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ କିଭଳି କାମ ହେଉଥିବ ତାହା ସହଜରେ ଅନୁମେୟ। ନିମ୍ନମାନର ବାଲି, ଚିପ୍‌ସ, ମେଟାଲ ଓ ସିମେଣ୍ଟ ବ୍ୟବହାର କରାଯାଉଥିବାରୁ ରାସ୍ତାର

**ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ବିପଦ ସୃଷ୍ଟି କରୁଛି**

ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପିଡବ୍ଲୁଡି ବିଭାଗ ଏଇଇ, ଜେଇଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ରହିଥିବା ସମ୍ପର୍କରେ ବିଭାଗୀୟ ଜେଇ ଅମିତ ନାୟକଙ୍କୁ ପଚାରିବାରୁ, ତାଙ୍କ ବିଭାଗକୁ ପିଡବ୍ଲୁଡି ପକ୍ଷରୁ ଚିଠି କରାଯାଇଛି। ରାସ୍ତାରେ ଥିବା ଗୋଟିଏ ଖୁଣ୍ଟକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ଓ ଅନ୍ୟ ଖୁଣ୍ଟ ହଟାଇବାକୁ ସମୟ ଲାଗିବ। ମହୁଲପାଟଣା ମୁଖ୍ୟ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଖୁବ୍‌ଶୀଘ୍ର ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି।

**ଗଞ୍ଜେଇ ଚାଲାଣ ଅଭିଯୋଗ: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ**

ବାଉଁଶୁଣୀ,(ଦେବାଶିଷ ନେପାକ): ଗଞ୍ଜେଇ ଚାଲାଣ ଅଭିଯୋଗରେ ସ୍ଥାନୀୟ ପୋଲିସ ବିଶ୍ୱାମିତ୍ର ଖଟୁଆଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବାଉଁଶୁଣୀ ଥାନା ହିଲୁଙ୍ଗ ଗ୍ରାମର ବିଶ୍ୱାମିତ୍ର ଏକ ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ଏନେଇ ବାଉଁଶୁଣୀ ଥାନାରେ ନଂ ୯୭/୨୪ ରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ବୁଧବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି।

# ଗାଁ ମୁଣ୍ଡରେ ୨୧ଟିକିଆ ହାତୀପଲ

ଅମରପାଲି,୪।୧୨(ପୀତାମ୍ବର ସାହୁ)

- ପଲରେ ଗୁଳିବିଦ୍ଧ ହାତୀ ଅଭିଯୋଗ
- ହାତୀଦେହରେ ଗୁଳି ଲାଗିନି: ଏସିଏଫ


ତେଲିପାଲି ଗାଁ ମୁଣ୍ଡରେ ହାତୀପଲ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନାଞ୍ଚଳ ହାତଲିମୁଣ୍ଡା ସେକ୍ସନର ତେଲିପାଲି ଗାଁମୁଣ୍ଡରେ ୨୧ଟିକିଆ ହାତୀପଲ। ଏହି ପଲ ମଧ୍ୟରୁ ଗୋଟିଏ ହାତୀଦେହରେ ଗୁଳି ବାଜିଥିବା ଅଭିଯୋଗ ହେଉଛି। ବୀରମହାରାଜପୁର ବନାଞ୍ଚଳ ଅନ୍ତର୍ଗତ କେନଝିରିଆପାଲି ଅଞ୍ଚଳରେ ହାତୀଥିବା ବେଳେ ବୁଧୁବାର ଦିନତମାମ ତେଲିପାଲି ଓ କେନଝିରିଆପାଲି ଗାଁମୁଣ୍ଡରେ ଘୁରି ବୁଲୁଥିଲେ। ହାତୀପଲ ଅଞ୍ଚଳର ଚାଷ ଜମି ମାଡ଼ି ଦଳି ଦେବା ସହ ଅନେକ ସ୍ଥାନରେ ଧାନ କିଆରି ନଷ୍ଟ କରିଥିବା ଅଭିଯୋଗ ହେଉଛି। ଏହି ୨୧ଟିକିଆ ହାତୀପଲରେ କୁଆଡେ ଗୋଟିଏ ହାତୀ ଦେହରେ ଗୁଳି ବାଜିଥିବା ବେଳେ ସେ ଯନ୍ତ୍ରଣାରେ ରଡ଼ି ଛାଡୁଛଇ। ଅନ୍ୟ ହାତୀ ପାଲ ଆହତ ହାତୀକୁ ସୁରକ୍ଷା ଦେବାକୁ ଥିବା ସ୍ଥାନ ପରିବର୍ତ୍ତନ କରୁ ନ ଥିବା ଅଭିଯୋଗ ହେଉଛି। ଏସିଏଫ ଅବିନାଶ ବରିହାଙ୍କୁ ପଚାରିବାରୁ ସେ ହାତୀ ଗୁଳିବିଦ୍ଧ ହୋଇ ନ ଥିବା କହିଛନ୍ତି। ହାତୀପଲ ସୁରକ୍ଷିତ ଅଛନ୍ତି, ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ତରଫରୁ ତୀକ୍ଷ୍ଣ ନଜର ରଖାଯାଇଛି। ବନ ବିଭାଗ କର୍ମଚାରୀମାନେ ହାତୀପଲକୁ ଜଗି ରହିଛନ୍ତି। ସେମାନେ କିଭଳିଭାବେ ଜନବସତି ମୁହାଁ ନ ହେବେ ବିଭାଗ ତରଫରୁ ପୁରା ସଜାଗ ଥିବା ବରିହା ପ୍ରକାଶ କରିଛନ୍ତି। ବିଭାଗ ତରଫରୁ ଡ୍ରୋନ କ୍ୟାମେରା ସାହାଯ୍ୟ ହାତୀ ଗତିପଥ ଉପରେ ସବୁବେଳେ ନଜର ରଖାଯାଉଛି। ଏବେ ଅଞ୍ଚଳରେ ଫସଲ ଅମଳର ସମୟ ହୋଇଥିବା ବେଳେ ହାତୀପଲ ଜନ ବସତି ମୁହାଁ ହେବାରୁ ଚାଷୀ ଆତଙ୍କିତ ହୋଇ ପଡିଛନ୍ତି। ବର୍ତ୍ତମାନ ହାତୀମାନେକେନଝିରିଆପାଲି ଅଞ୍ଚଳରେ ଥିବା ଜଣା ପଡିଛି।

# ରାଧାନାଥ ଓଡ଼ିଆ କାବ୍ୟର ଯୁଗସ୍ରଷ୍ଟା



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି, ୪।୧୨(ପୀତାମ୍ବର ସାହୁ)

**ସୁବଳୟା +୨ କଲେଜରେ ଆଲୋଚନାଚକ୍ର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ କଲେଜରେ ରାଧାନାଥଙ୍କ ସାହିତ୍ୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୋନପୁରସ୍ଥିତ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ଇଂଲିଶ ଅଧ୍ୟାପକ ମଦନ ସୁନ୍ଦର ଖେତୀ ଯୋଗଦେଇ ରାଧାନାଥ ରାୟଙ୍କ ଚନ୍ଦ୍ରଭାଗା, ଚିଲିକା, ପାର୍ବତୀ, କେଦାର ଗୌରୀ ଆଦି କାବ୍ୟ ସମ୍ପର୍କରେ ଆଲୋଚନା କରି ତାଙ୍କୁ କବିବର ଉପାଧିର ଯୋଗ୍ୟତମ ବ୍ୟକ୍ତି ତଥା ଓଡ଼ିଆ କାବ୍ୟର ଯୁଗସ୍ରଷ୍ଟା ବୋଲି ଅଭିହିତ କରିଥିଲେ। ଅଧ୍ୟାପକ ରମାକାନ୍ତ ପୁରୋହିତ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ଦେବାଶିଷ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଜ୍ଞା କଳ୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ଆଲୋଚନାଚକ୍ରରେ କଲେଜର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଞ୍ଜୟ କୁମାର ମେଣ୍ଡିଲି, ଅର୍ପିତା ନାୟକ, ମିତା ପ୍ରଧାନ ଓ ଗୋପାଳ ଭୋଇ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଙ୍କଲା ପାହାଡ଼ ଉପରୁ ଗଳିତ ମୃତଦେହ ଜବତ

ବାଉଁଶୁଣୀ,୪।୧୨(ଦେବାଶିଷ ନେପାକ)

ମଙ୍ଗଳବାର ଅପରାହ୍ନରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅନ୍ତର୍ଗତ କଙ୍କଲା ପାହାଡ ଉପରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି । ମଧ୍ୟାହ୍ନ ସମୟରେ ସ୍ଥାନୀୟ ଲୋକେ ପାହାଡ ଉପରକୁ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖି ବାଉଁଶୁଣୀ ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି । ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି।

### ଜିଲାସ୍ତରୀୟ ଯୁବ ଉତ୍ସବ

ବାଉଁଶୁଣୀ,୪।୧୨(ଦେବାଶିଷ ନେପାକ)

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ସହଯୋଗରେ ନେହରୁ ଯୁବ କେନ୍ଦ୍ର ବୌଦ୍ଧ ତରଫରୁ ଜିଲାସ୍ତରୀୟ ଯୁବ ଉତ୍ସବ ବାଉଁଶୁଣୀର ମା' ମାହେଶ୍ୱରୀ କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବ୍ଲକ ଚେୟାରମ୍ୟାନ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ଓ ସମ୍ମାନିତ ଅତିଥି ଭାବେ ମା' ମାହେଶ୍ୱରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ, ମାହେଶ୍ୱରୀ ଜୁନିୟର କଲେଜ ଅଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ସାମାଜିକ କର୍ମୀ ଓମ ପ୍ରକାଶ ମିଶ୍ର, ନେହେରୁ ଯୁବ କେନ୍ଦ୍ରର ଯୁବା ଅଧିକାରୀ ନଭନୀତ କୁମାର ଯୋଗ ଦେଇଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ମେଳା, ଚିତ୍ରାଙ୍କନ, କବିତା, ବକ୍ତୃତା, ମୋବାଇଲ ଫଟୋଚିତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମ ନିଜର ଦକ୍ଷତା ପ୍ରଦର୍ଶନ କରିବାର ମାଧ୍ୟମ ବୋଲି ଜିଲ୍ଲା ଯୁବା ଅଧିକାରୀ ନଭନୀତ କୁମାର କହିଥିଲେ । ମୁଖ୍ୟଅତିଥି ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଯୁବତୀଯୁବକମାନଙ୍କୁ ଅବଗତ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି,ପ୍ରମାଣ ପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।

# ସୁବର୍ଣ୍ଣପୁରର ପ୍ରିୟଙ୍କା ଅଗ୍ରୱାଲଙ୍କୁ ସ୍ୱର୍ଣ୍ଣ ପଦକ

ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)



ପଦକ ସହ ପ୍ରିୟଙ୍କା ଅଗ୍ରୱାଲ।

ସୁବର୍ଣ୍ଣପୁର ସହରର ମେଧାବୀ ଛାତ୍ରୀ ପ୍ରିୟଙ୍କା ଅଗ୍ରୱାଲଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ତିନି ବର୍ଷିଆ ଆଇନ ପାଠ୍ୟକ୍ରମରେ ସମଗ୍ର ବିଶ୍ୱବିଦ୍ୟାଳୟରେ ସେ ସର୍ବାଧିକ ନମ୍ବର ରଖିଛନ୍ତି। ୨୦୨୪ ବର୍ଷ ପାଇଁ ଅଶୋକ ଦାସ ସ୍ମାରକୀ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରିୟଙ୍କା ହେଉଛନ୍ତି ଲଳିତା ଓ ବ୍ୟବସାୟୀ ମନୋଜ ଅଗ୍ରୱାଲଙ୍କ ଝିଅ। ସେ ୨୦୧୬ରେ ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲରୁ ମାଟ୍ରିକ୍ ପରେ ସୋନପୁର କଲେଜରେ ଯୁକ୍ତ ୨ ପଢିଥିଲେ। ପରେ ସୋନପୁର କଲେଜରେ ଯୁକ୍ତ ୩ ବାଣିଜ୍ୟ ସମ୍ମାନରେ ୭୭.୬୨% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସେ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟରେ ଆଇନରେ ସର୍ବାଧିକ ୭୩.୯୪% ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ୮୨ ତମ ପ୍ରତିଷ୍ଠା ଦିବସରେ ପ୍ରିୟଙ୍କାଙ୍କୁ ପଦକ ପ୍ରଦାନ କରାଯାଇଛି। ଏହି ସଫଳତା ପଛରେ ସୋନପୁର କଲେଜ ବାଣିଜ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପକ ସନ୍ତୋଷ ମହାପାତ୍ରଙ୍କ ମାର୍ଗଦର୍ଶନ ସହ ମାତାପିତା ଓ ପରିବାର ବର୍ଗଙ୍କ ଆଶୀର୍ବାଦ ରହିଥିବା ସେ ପ୍ରକାଶ କରିଛନ୍ତି। ଏହି ସଫଳତା ବ୍ୟତିତ ସେ ଓଡିଶା ମାନବାଧିକାର କମିଶନ, ପବ୍ଲିକ ପ୍ରସିକ୍ୟୁଟର ନିର୍ଦ୍ଦେଶାଳୟ ଓ ଓଡିଶା ମହିଳା କମିଶନଙ୍କ ଠାରେ ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମର ଦକ୍ଷତା ମଧ ହାସଲ କରିଛନ୍ତି। ପ୍ରିୟଙ୍କାଙ୍କୁ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ବିନିକା, ୪।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କର ବ୍ରଜବିହାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୪୬ ଭିନ୍ନକ୍ଷମ ବାଳିକା ବାଳକ ଓ ତାଙ୍କ ଅଭିଭାବିକା ଅଭିଭାବକ ଯୋଗଦେଇଥିଲେ। ବିଆରଟି ଚୌଧୁରୀ ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଇଓ ଲକ୍ଷ୍ମଣ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ରାମଜୀ ପଣ୍ଡା, ସମ୍ମାନିତ ଅତିଥିଭାବେ ବିନିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର, ଶଙ୍କରା ବ୍ରଜବିହାରୀ ନୋଡାଲ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଭିନ୍ନକ୍ଷମ ଦିବସ ଉପରେ ଚିତ୍ରାଙ୍କନ, ଗୀତ, ନୃତ୍ୟ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନରେ ସିଆରସିସି ଜୟନାରାୟଣ ପୂଝାରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ମାରଣାସ୍ତ୍ର ଦେଖାଇ ଡକାୟତି

ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)

- ୨ ଗିରଫ, ଜଣେ ଖସିଗଲେ
- ଧରାପଡିଥିବା ତୃତୀୟ ଅଭିଯୁକ୍ତ ନାବାଳକ
- ପାସ୍ୱାର୍ଡ ନେଇ ଫୋନ ପେ'ରୁ ୧୪ ହଜାର ଉଠାଇ ନେଲେ


ସୁମନ୍ତ


ଆଲୋକ

ସୁବର୍ଣ୍ଣପୁର ସହର ରାଜାକୋଠି ନିକଟରେ ମଙ୍ଗଳବାର ରାତିରେ ଡକାୟତି ହୋଇଛି। ବୀରମହାରାଜପୁର ଥାନା କମଲପୁର ଅଞ୍ଚଳର ସୁଶାନ୍ତ ସାହୁଙ୍କୁ ଛୁରି ଓ ଲୁହା ରଡ ଦେଖାଇ ୪ ଡକାୟତ ୧୪ ହଜାର ୮୦୦ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣାରେ ସୋନପୁର ଟାଉନ ପୋଲିସ ୩ ଜଣଙ୍କୁ ଧରିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ସହର ଝୁପୁଡିପଡାର ଆଲୋକ ପୋଡ(୧୯) ଓ ସୁମନ୍ତ ସୁନା(୨୨)। ଧରା ପଡିଥିବା ଅନ୍ୟ ଅଭିଯୁକ୍ତ ଜଣେ ନାବାଳକ। ପୋଲିସ ଆଲୋକ ଓ ସୁମନ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ବୌଦ୍ଧ ସ୍ଥିତ ସ୍ୱଧାର ଗୃହକୁ ପଠାଯାଇଛି। ସୂଚନା ଅନୁଯାୟୀ ସୁଶାନ୍ତଙ୍କୁ ଅଭିଯୁକ୍ତମାନେ ମହାନଦୀ ବ୍ରିଜ୍ ପୂର୍ବରୁ ରାଜାକୋଠି ନିକଟରେ ଅଟକାଇଥିଲେ। ଛୁରି ଓ ଲୁହା ରଡ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ମାଡ ମାରିଥିଲେ। ସୁଶାନ୍ତଙ୍କଠାରୁ ମୋବାଇଲ ନେଇ ଜବରଦସ୍ତ ପାସୱାର୍ଡ ନମ୍ବର ମାଗି ନେଇଥିଲେ। ପରେ ଗୁଗଲି ପେ ଓ ଫୋନ୍ ପେ ରୁ ୩ ଥରରେ ଟଙ୍କା ଟ୍ରାନ୍ସଫର କରି ନେଇଥିଲେ। ଘଟଣା ପରେ ଅଭିଯୁକ୍ତମାନେ ବାମପାର୍ଶ୍ୱ ଜଙ୍ଗଲକୁ ପଳାଇ ଯାଇଥିଲେ। ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ରାତିରେ ୩ ଜଣଙ୍କୁ ଧରିଥିଲା। ଏସଆଇ ଦେବାଶିଷ ସାହୁ ମାମଲାର ତଦନ୍ତ କରୁଛନ୍ତି।

# ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଲେ ଅଭିଭାବକ


ସ୍କୁଲ ଆଗରେ ଅଭିଭାବକ ଓ ଛାତ୍ରୀଛାତ୍ର।

ମନମୁଣ୍ଡା/କନ୍ଧମାଳ(ବେଣୁଧର ପଧାନ/ ଆଦିତେଶ୍ୱର ମିଶ୍ର)୪।୧୨

ବୌଦ୍ଧ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। କେତେବେଳେ ଶିକ୍ଷକ ଅଭାବ ତ ଆଉ କେଉଁଠି ଶ୍ରେଣୀଗୃହ ନାହିଁ। ଜିଲାରେ ଶିକ୍ଷକ ଦାବିରେ ଅଭିଭାବକ ଓ ଛାତ୍ରୀ ଛାତ୍ରଙ୍କ ଆନ୍ଦୋଳନ ନିତିଦିନିଆ ଘଟଣା ପାଲଟିଛି। ଜିଲାର କନ୍ଧମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତର ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ଶିକ୍ଷାଦାନ ଠପ୍ ହୋଇ ଯାଇଥିଲା। ଖବର ପାଇ କନ୍ଧମାଳ ଏବିଇଓ ପହଞ୍ଚି ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଭିଭାବକମାନେ ଲିଖିତ ଭାବେ ନ ଦେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୧୪ ମାସ ହେବ ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ଅଭିଭାବକମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ସୁଦ୍ଧା ଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି ।

# ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ


ଅରିଗାଁ-ବିନିକା ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ ଅବସରରେ କର୍ମକର୍ତ୍ତା।

ବିନିକା, ୪।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ ଗ୍ରାମରେ ଆଗାମୀ ୨୩ ତାରିଖରୁ ଆରମ୍ଭ ହେବାକୁ ହେବାକୁ ଥିବା ୨୦ତମ ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସକାଶେ ବୁଧବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ମାହେଶ୍ୱରୀ ମନ୍ଦିର ପୂଜକ ରାଧେଶ୍ୟମ ମେଲ୍ଲୀ ଦେବୀଙ୍କଠାରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ସେଠାରୁ ଆଜ୍ଞାମାଳ ନେଇ କମିଟି କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀ ସଂକୀର୍ତ୍ତନ ମଣ୍ଡଳୀ ସହ ଗୋପପୁର ପୂଜା ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ପୂଜକ ରମାକାନ୍ତ ପୁରୋହିତଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ଓ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ପରେ ଧନୁଯାତ୍ରା ପଡିଆରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲଶ। ଏଥିରେ କମିଟିର କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସୌମ୍ୟରଞ୍ଜନ ନାଇକ, ଉପସଭାପତି ପ୍ରତାପ ମିଶ୍ର, ସଦସ୍ୟ ରଞ୍ଜନ ପଧାନ, ସୁବଳ କଳିତା, ମନବୁଧ ପଧାନ, ରାମ ଦାଶ, ଗୋବର୍ଦ୍ଧନ ଦୀପ, ପଞ୍ଚାନନ ମାଝୀ, ବାଙ୍କା କର୍ମୀ, କ୍ଷୀରସିନ୍ଧୁ ଯଏରାଙ୍କ ସମେତ ଶତାଧିକା କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ସାମିଲ ହୋଇଥିଲେ।

### ପିଏମଏୱାଇ ସର୍ଭେ ତାଲିମ କାର୍ଯ୍ୟକ୍ରମ

ବାଉଁଶୁଣୀ,୪।୧୨(ଦେବାଶିଷ ନେପାକ)

ମଙ୍ଗଳବାର ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନୂତନ ଗାଇଡ ଲାଇନ ଅନୁଯାୟୀ ଯେଉଁ ଯୋଗ୍ୟ ବ୍ୟକ୍ତି ଯୋଜନାରୁ ବଞ୍ଚିତ ହୋଇଛନ୍ତି ପୁନର୍ବାର ସର୍ଭେ କରାଯାଇ ସେମାନଙ୍କ ନାମ ହିତାଧିକାରୀ ତାଲିକାଭୁକ୍ତ କରାଯିବ। ନିଜେ ହିତାଧିକାରୀ ମଧ୍ୟ ମୋବାଇଲ ଯୋଗେ ପଞ୍ଜୀକରଣ କରିପାରିବେ। ଏ ସମ୍ପର୍କିତ ନୀତି ନିୟମ ଓ ପ୍ରଣାଳୀ ସମ୍ପର୍କରେ ତାଲିମ ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ମନୋଜ ବେହେରା, ପଞ୍ଚାୟତ ସରପଞ୍ଚ ଅଇଁଠୁ ମାଲିକ,ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ଭୋଇ, ବାଉଁଶୁଣୀ ପଞ୍ଚାୟତ ଜିଆର୍‌ଏସ ପ୍ରମୋଦିନୀ ତରିଆ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟ କର୍ମଚାରୀଙ୍କ ସମେତ ପଞ୍ଚାୟତର ଜନସାଧାରଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଗୀତରେ ଦର୍ଶକ ମତୁଆଲା

ହରଭଙ୍ଗା,୪।୧୨(ନରେନ୍ଦ୍ର କୁମାର ସାହୁ)


ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି।

**ଚତୁର୍ଥ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ**

ଦୀର୍ଘ ୬ ଦିନ ଧରି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଚାଲିଥିବା ଚତୁର୍ଥ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ବୁଧବାର ଦିନ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଅର୍ଜୁନ ପ୍ରଧାନ, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର ଯୋଗଦେଇ ମଞ୍ଚାସୀନ ଥିଲେ। କମିଟିର ସଂପାଦକ ଅଶୋକ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ ପରିଚାଳନା କରିଥିଲେ` ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଗାୟକ ରୁକୁ ସୁନା ଓ ଅର୍ଚ୍ଚନା ପାଢୀଙ୍କ ସମ୍ବଲପୁରୀ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଟ୍ଟନାୟକ, ଉପସଭାପତି ସରୋଜ ପ୍ରଧାନ, ସହ ସଂପାଦକ ସୁବାସ ପ୍ରଧାନ, କୃଷ୍ଣ ସେଠୀ, ସାଂଗଠନିକ ସଂପାଦକ ପ୍ରାଣବନ୍ଧୁ ପ୍ରଧାନ, ସତୀଶ ବେହେରା, କୈଳାସ ଅଗ୍ରୱାଲା , ମନୋଜ ପାଢୀ, ବିଜୟ କହଁର, ଅକ୍ରୁର ସେଠୀ, ଅମୂଲ୍ୟ ମିଶ୍ର, ବିକାଶ ମିଶ୍ରଙ୍କ ସମେତ କମିଟିର ସଦସ୍ୟ ସହଯୋଗ କରିଥିଲେ। ଚଳିତବର୍ଷ ମହୋତ୍ସବକୁ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବାକୁ ମୀନାବଜାର, ରାମଦୋଳି, ବାଣିଜ୍ୟ ମେଳା, ବିଭିନ୍ନ ଖାଦ୍ୟ ଷ୍ଟଲ ଆଦି ପଡିଥିଲା। ମହୋତ୍ସବ ଦେଖିବାକୁ ପ୍ରତ୍ୟେକ ଦିନ ପ୍ରବଳ ଗହଳି ହୋଇଥିବାର ପରିଲକ୍ଷିତ ହୋଇଥିଲା ।

# ୨ ଗୋରୁବୋଝେଇ ଟ୍ରକ୍ ଜବତ, ୮୧ ଗୋରୁ ଉଦ୍ଧାର

ବିନିକା, ୪।୧୨(ରାମ ଗୋପାଳ ବାଘ)


ଜବତ ଟ୍ରକରେ ଗୋରୁ।

ସୁବର୍ଣ୍ଣପୁର ଜିଲା ବିନିକା ପୋଲିସ ବୁଧବାର ସକାଳେ ରାମପୁର ପଟରୁ ବିନିକା ଆସୁଥିବା ୨ଟି ଗୋରୁ ବୋଝେଇ ଟ୍ରକ ଓ ଏକ ବାଇକ ଜବତ କରିଛି। ୨ଟି ଯାକ ଟ୍ରକରୁ ୮୧ ଗୋରୁ ଉଦ୍ଧାର ହୋଇଛନ୍ତି। ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋରୁଙ୍କୁ ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ଜଣାପଡିଛି। ଉଦ୍ଧାର ଗୋରୁଙ୍କୁ ବିନିକା ଥାନା ପିଡେଇପାଲି ଗଜବନ୍ଧ କାମଧେନୁ ଗୋ ସେବାଶ୍ରମରେ ଛଡାଯାଇଛି। ଖବର ପାଇ ବିନିକା ଥାନାକୁ ସୋନପୁର ଆରଟିଓ ଅକ୍ଷୟ କୁମାର ଜେନା ଆସ ତଦନ୍ତ କରିଥିଲେ। ଏସଆଇ ରଞ୍ଜନ ନାଏକ, ଏସଆଇ ଅନିଲ କୁମାର ବେହେରାଙ୍କ ନେତୃତ୍ୱରେ ବିନିକା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ମହାନଦୀ ବ୍ରିଜପାର୍ ହେଉଥିବା ଦୁଇ ୧୬ଚକିଆ ଟ୍ରକ(ଡବ୍ଲ୍ୟୁ ୧୩ -୬୪୨୩) ଓ (ଡବ୍ଲ୍ୟୁ ୩୩ଏଫ-୨୧୫୨)କୁ ଅଟକାଇଥିଲେ। ଗୋରୁ ଗାଡିକୁ ଏସକର୍ଟ ଦେଉଥିବା କଳା ରଙ୍ଗର ପଲ୍ସର ବାଇକକୁ ମଧ୍ୟ ଜବତ କରାଯାଇଛି।

# ନିଲମ୍ବିତ ହେଲେ ଯାଞ୍ଚ ଅଧିକାରୀ

## ୨ ଗୋଷ୍ଠୀ ମାରପିଟ୍ ଘଟଣାରେ ଅଭିଯୁକ୍ତ ଫେରାର ମାମଲା

**ରାଉରକେଲା,୪।୧୨(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ଲେବରଟେର୍ନାମେଣ୍ଟ ଅଞ୍ଚଳରେ ଗତ ସେପ୍ଟେମ୍ବରରେ ସଙ୍ଗଠିତ ଏକ ବଡ଼ ଧରଣର ୨ ଗୋଷ୍ଠୀ ମାରପିଟ୍ ମାମଲାରେ ଜଣେ ଅଭିଯୁକ୍ତ ଥାନା ପରିସରରୁ ଫେରାର ହୋଇଯାଇଥିଲେ। ଉକ୍ତ ମାମଲାର ଯାଞ୍ଚ ଅଧିକାରୀ ତଥା ମହିଳା ସବ୍ ଇନ୍ସପେକ୍ଟର ମିତାଲି ମଧୁଛନ୍ଦା ସ୍ୱାଇଁଙ୍କୁ ନିଲମ୍ବିତ କରାଯାଇଛି। ରାଉରକେଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, କୌଣସି ଘଟଣାକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ତଥା ସ୍ଥାନୀୟ ଏକ ପାଠାଗାରରେ ନିଆଁ ଲଗାଯାଇଥିଲା। ଏଥିରେ ଅଭିଯୋଗକାରୀ ପ୍ରାୟ ୩୦ ଜଣଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ. ୪୬୮/୨୪) ରୁଜୁ କରି କେତେକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କୌଣସି ପ୍ରକାର ସୁଯୋଗ ପାଇ ଅନ୍ୟ ଅଭିଯୁକ୍ତ ଥାନାରୁ ଫେରାର ହୋଇଯାଇଥିଲେ।

### ଯମୁନାନାକିରୁ ଫେରାର ଛାତ୍ରୀ ବିହାରରୁ ଉଦ୍ଧାର

**କୁଆଁରମୁଣ୍ଡା,୪।୧୨(ମହେନ୍ଦ୍ର କୁମାର ସାହୁ)** ଗତ ୬ ମାସ ତଳେ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକି ଅଞ୍ଚଳରୁ ଫେରାର ହୋଇଯାଇଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବୁଧବାର ପୋଲିସ ବିହାର ରାଜ୍ୟରୁ ଉଦ୍ଧାର କରିଛି। ନାବାଳିକା ବିହାରରେ ଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଉଦ୍ଧାର କରିଛି ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।



ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଉଛି।

# ବାଂଲାଦେଶୀ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବିରୋଧରେ ଶୋଭାଯାତ୍ରା

**ଯୋଗଦେଲେ ବିଭିନ୍ନ ହିନ୍ଦୁ ସଙ୍ଗଠନ**

**ରାଉରକେଲା,୪।୧୨(ସଙ୍ଗୀତା ଜେନା)** ପଡୋଶୀ ଦେଶ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରାଯାଉଛି। ମହିଳାଙ୍କୁ ବଳାତ୍କାର, ହତ୍ୟା ସହ ଯୁବପିଢ଼ୀକୁ ସାମୂହିକ ହତ୍ୟା କରାଯାଉଛି। ଧର୍ମପରିବର୍ତ୍ତନ କରିବାକୁ ବାଧ୍ୟ କରାଯାଉଛି। ଭୟଭୀତ ଲୋକେ ଧର୍ମାନୁଷ୍ଠାନ ଗୁଡ଼ିକରେ ଶରଣ ନେବାକୁ ଯାଉଛନ୍ତି। ଧର୍ମାନୁଷ୍ଠାନ, ମଠ, ମନ୍ଦିର ଗୁଡ଼ିକ ଭାଙ୍ଗି ଜାଳିପୋଡି ନଷ୍ଟ କରିଦିଆଯାଉଛି। ବାଲାଂଦେଶ ସରକାର ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭାରତ ସରକାର ବାଲାଂଦେଶରେ ହେଉଥିବା ନାରକୀୟ ଅତ୍ୟାଚାର ତଥା ନିୟନ୍ତ୍ରଣ ପାଇଁ ହସ୍ତକ୍ଷେପ କରନ୍ତୁ ବୋଲି ଦାବି ହୋଇଛି। ଏନେଇ ବୁଧବାର ପୂର୍ବାହ୍ନରେ ହିନ୍ଦୁ ସୁରକ୍ଷା ମଞ୍ଚ ରାଉରକେଲା, ଓଡ଼ିଶା ପଶ୍ଚିମ ସମେତ ବହୁ ହିନ୍ଦୁ ସଙ୍ଗଠନ ପକ୍ଷରୁ ବାଲାଂଦେଶୀ ହିନ୍ଦୁଙ୍କ ସୁରକ୍ଷା ଦାବିରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପ୍ରତିବାଦ ପ୍ରଦର୍ଶନ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୨୦୨୧ ଅକ୍ଟୋବର ୧୩ ଦୁର୍ଗା ପୂଜା ସମୟରେ ବାଲାଂଦେଶରେ ହିନ୍ଦୁ ମନ୍ଦିର, ମୂର୍ତ୍ତି ଓ ସାମୂହିକ ପୂଜା ସ୍ଥଳୀ ଉପରେ ଆକ୍ରମଣ କରାଯାଇଥିଲା। କୋମିଲା, ଚାନ୍ଦପୁର, ନୋକାଲି ଚିଟାଗାଙ୍ଗ ଆଦିରେ ଏପରି ହୋଇଥିଲା। ତୁରନ୍ତ ଏହାର ନିୟନ୍ତ୍ରଣ ପାଇଁ ଭାରତ ସରକାର ଆଗେଇ ଆସନ୍ତୁ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ଶୋଭାଯାତ୍ରାରେ ବିଦ୍ୟୁତ ପଲେଇ, ରାଜେଶ କାନନ, ରାଜେଶ ସାହୁ, ଗୁଡ୍ଡୁ ସିଂହ, ଜିତୁ ରାୟ, ନିରଜ ଚର୍ତୁର୍ବେଦୀ, ଆଚାର୍ଯ୍ୟ ବିନୟ, ରାଜୁ ସିଂହ, ଲଖନ ଲୋହାର, ବିକାଶ ଗୋୟଲ ସମେତ ଶତାଧିକ ହିନ୍ଦୁ ସମର୍ଥକ ବିଶାଳ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଉକ୍ତ ଶୋଭାଯାତ୍ରା ବିଶ୍ରା ଛକରୁ ଆରମ୍ଭ ହୋଇ ମେନ୍ ରୋଡରେ ଯାଉଥିବା ବେଳେ ପୋଲିସ ପ୍ରଶାସନ ଏହାକୁ ରୋକି ରିଂରୋଡରେ ପ୍ରଦର୍ଶନ ପାଇଁ ବାରଣ କରିଥିଲା। ଏହାପାଇଁ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ପରେ ଉକ୍ତ ଶୋଭାଯାତ୍ରା ରିଂରୋଡ଼ରେ ଯାଇ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପୁନଃ ଆନ୍ଦୋଳନର ଚେତାବନୀ ଦିଆଯାଇଥିଲା।

# ଇସ୍ପାତ ସାହିତ୍ୟ ସଂସଦର ୫୪ତମ ପ୍ରତିଷ୍ଠା ଦିବସ

**ରାଉରକେଲା,୪।୧୨(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେକ୍ଟର-୭ ସ୍ଥିତ ସଂସଦ ଭବନ ପରିସରରେ ସଭାପତି ବ୍ରଜେନ୍ଦ୍ର ଦାଶ ସାରସ୍ୱତ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ସାହିତ୍ୟ ସଂସଦର ପ୍ରାକ୍ତନ ସଭାପତି ରଘୁବର ଧଳ, ସମ୍ମାନିତ ଅତିଥି ବିଶିଷ୍ଟ ନାଟ୍ୟକାର ତଥା ସୁଶୀଳାବତୀ ମହାବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ. ସଞ୍ଜୟ ହାତୀ ଏବଂ ମୁଖ୍ୟବକ୍ତା ଭାବେ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ତଥା ପ୍ରଧାପକ ଡ. ଅଶ୍ୱିନୀ ରାୟ ଯୋଗ ଦେଇଥିଲେ। ଦିବଙ୍ଗତ ସଦସ୍ୟଙ୍କ ନମନ୍ତେ ନୀରବ ପ୍ରାର୍ଥନା ହୋଇଥିଲା। ପରେ ଇଂ ଗୋକୁଳ ଚନ୍ଦ୍ର ଧଳଙ୍କ ଲିଖିତ କବିତା ପୁସ୍ତକ ଲେଖୁ ଲେଖୁ କବିତା ତଥା ପୁରାତନ ସଦସ୍ୟ ଅନିଲ କୁମାର ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ, ସଭାପତି ବ୍ରଜେନ୍ଦ୍ର ଦାସ, ପୁରାତନ ସଦସ୍ୟ ଉମେଶ ଚନ୍ଦ୍ର ନାୟକ ସଂସଦର କ୍ରମବିକାଶ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ଅତିଥି ଓ ମୁଖ୍ୟବକ୍ତା ଭୀମଭୋଇଙ୍କ ପଦାବଳୀ ସାହିତ୍ୟ ଜନମାନସର ସାମାଜିକ ଚେତନାକୁ ଦୃଢିଭୂତ କରିଥାଏ ବୋଲି କହିଥିଲେ। ଏହାପରେ ସଂସଦର ୫୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ମନୋଜ୍ଞ କବିତା ପାଠ ଆବୃତି ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲାର ଅଗଣିତ ସାହିତ୍ୟ ଅନୁରାଗୀ କବିୟତ୍ରୀ, କବି ସାମିଲ ହୋଇ ଜନ ସଚେତନତା ଦାୟୀ, ପ୍ରେରଣା ଦାୟୀ, ସାମାଜିକ ସୁରକ୍ଷା, ସଂସ୍କୃତି ଏବଂ ସଭ୍ୟତା ବାର୍ତ୍ତା ଦେଉଥିବା ଚିତାକର୍ଷକ କବିତାମାନ ପାଠ କରିଥିଲେ। ଶେଷରେ କବି ଅଭିରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୧୨ ଉପଭୋକ୍ତା ସମ୍ବର୍ଦ୍ଧିତ

**ରାଉରକେଲା,୪।୧୨(ସଙ୍ଗୀତା ଜେନା)** ଠିକ୍ ସମୟରେ ବିଦ୍ୟୁତ ବିଲ୍ ପଇଠ କରି ଜଣେ ସୁନାଗରିକ ଓ ଦେଶ ନିର୍ମାତାର ଭୂମିକା ନିର୍ବାହ କରୁଥିବା ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ନିଆରା କାର୍ଯ୍ୟକ୍ରମ' ଖୁଲ୍ ଯା ସିମ୍ ସିମ୍' ହାତକୁ ନିଆଯାଇଛି। ଏହିକ୍ରମରେ ବୁଧବାର ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ପକ୍ଷରୁ କୋଏଲନଗର, ବିଶ୍ରା, ଉଦିତନଗର ଆଦି ସବ୍ ଡିଭିଜନର ପ୍ରାୟ ୭୦ ହଜାର ବିଜୁଳୀ ଉପଭୋକ୍ତାଙ୍କ ନେଇ ଏକ ଲଟେରୀ ଉଠାଣ ହୋଇଥିଲା। ଏଥିରେ ୧୨ ଜଣ ଯୋଗ୍ୟ ଉପଭୋକ୍ତାଙ୍କ ନାମକୁ ଚୂଡାନ୍ତ କରାଯାଇଥିଲା। ସେମାନଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତିରେଖା ପାତ୍ର, ସୁମିତ୍ର ମହାପାତ୍ର, ରବି ଦାସ, ବରେଲୀ ସାହୁ, ଡା. ଛଗଡ଼ଲାଲ ଅଗ୍ରୱାଲ, ରାଜେଶ ଗିରି, ଛୋଟରାୟ ମୁଣ୍ଡାରୀ, ପଞ୍ଚାନନ ପତି, ବିଏଲ୍ ଦାସ, ଲକ୍ଷ ଓରାମ, ନରେନ୍ଦ୍ର ଦାସ, ପିତାମ୍ବର ସାହୁ, ବିନୋଦ କୁମାର ପ୍ରମୁଖ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ଆର୍‌ଇଡି ଏକଜିକ୍ୟୁଟିଭ୍ ଇଞ୍ଜିନିୟର ପାର୍ଥ ଚକ୍ରବର୍ତ୍ତୀ, ଫାଇନାସ ମ୍ୟାନେଜର ପୁଲକେଶ ଦାସଭାୟା, କୋଏଲନଗର ଏସ୍‌ଡିଓ ଶୁଭାଷିଶ ମହାନ୍ତି, ବିଶ୍ରା ଏସ୍‌ଡିଓ ରାଜେଶ ପାଣ୍ଡେ, ଉଦିତନଗର ଏସ୍‌ଡିଓ ଅନାମିକା ବହିଦାର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ।


ଉଦିତନଗର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଭୋକ୍ତାମାନେ ସମ୍ବର୍ଦ୍ଧିତ ହେଉଛନ୍ତି।

# ଆଜି କୋଏଲନଗର, ଜଗଦାରେ ୭ ଘଣ୍ଟା ବିଜୁଳି ସରବରାହ ବନ୍ଦ ରହିବ

**ରାଉରକେଲା,୪।୧୨(ସଙ୍ଗୀତା ଜେନା)** କୋଏଲନଗର, ଶକ୍ତିନଗର ଓ ଅନ୍ୟ ସ୍ଥାନରେ ବିଜୁଳୀ ତାର ଓ ଯାନ୍ତ୍ରିକ ମରାମତି ପାଇଁ ଗୁରୁବାର ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଜୁଳୀ ସରବରାହ ବନ୍ଦ ରହିବ। ଏଥି ନିମନ୍ତେ କୋଏଲନଗର ସବ୍ ଡିଭିଜନ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ବିଦ୍ୟୁତ ଉପଭୋକ୍ତାଙ୍କୁ ଅବଗତ କରାଇବା ସହ ସହଯୋଗ କାମନା କରାଯାଇଛି।


ମଞ୍ଚରେ ନାଟକ ପରିବେଷଣ କରାଯାଉଛି।

# ତୃତୀୟ ସନ୍ଧ୍ୟାରେ ଧନୁଯାତ୍ରା, ଦାଦନ ମଞ୍ଚସ୍ଥ

**ରାଉରକେଲା,୪।୧୨(ସଂଗୀତା ଜେନା)** ରାଉରକେଲାରେ ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଦି ବିଲିଭରର ନାଟକ ଧନୁଯାତ୍ରା ଓ କୋଶଳ ନାଟ୍ୟ ପରିଷଦର ନାଟକ ଦାଦନ ମଞ୍ଚସ୍ଥ ହୋଇଯାଇଛି। ପ୍ରବୀର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକକର୍ମୀ ପ୍ରଶାନ୍ତ ସେଠି ଓ ଝିରିପାଣି ସରପଞ୍ଚ ଅଜିତ ତିର୍କୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏକତ୍ର ତରଫରୁ ସୁମନ ଦତ୍ତ ସ୍ୱାଗତ ଭାଷଣ ରଖିଥିଲେ। ପ୍ରଥମ ନାଟକ ଧନୁଯାତ୍ରା ନାଟ୍ୟକାର ନୀଳକଣ୍ଠ ମହାନ୍ତିଙ୍କ ରଚିତ ଓ ଚିନ୍ମୟ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ନାଟକ ଧନୁଯାତ୍ରା ମଞ୍ଚସ୍ଥ ହୋଇଥିଲା। ଦ୍ୱାପର ଯୁଗରେ ମଥୁରାଧିପତି କଂସର ଅତ୍ୟାଚାରରେ ମଥୁରାପୁରୀ ଅତିଷ୍ଠ ହୋଇପଡିଛି। କଂସର ଅତ୍ୟାଚାରରୁ ମାନବ ସମାଜକୁ ମୁକ୍ତି ଦେବା ପାଇଁ ଧରାବତରଣ କରିଛନ୍ତି ସ୍ୱୟଂ ନାରାୟଣ, "ଶ୍ରୀକୃଷ୍ଣ" ରୂପରେ। କିନ୍ତୁ କଂସକୁ ଆକାଶବାଣୀ ହୋଇଛି ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ସମ୍ବନ୍ଧରେ ଏବଂ ନିଜ ବଇରୀ ଗୋପପୁରରେ ପାଳିତ ହେବା କଥା ଜାଣି ସେ ନିଜର ଆଜନ୍ମ ଶତ୍ରୁର ମରଣ ପାଇଁ ବିଭିନ୍ନ ଉପାୟ କରିଛି। ମାତ୍ର ତାର ସମସ୍ତ ଉପାୟ ବିଫଳ ହୋଇଛି। ଶେଷ ଅସୁରୂପେ ସେ ଏକ ଛଳନାପୂର୍ଣ୍ଣ ଧନୁଯାତ୍ରାର ଆୟୋଜନ କରାଇଛି। କଂସର ଆଶା ସେଠାକୁ ନିଶ୍ଚୟେ ଆସିବେ ଶ୍ରୀକୃଷ୍ଣ ଗୋପପୁର ତ୍ୟାଗ କରି ଏବଂ ଶ୍ରୀକୃଷ୍ଣ ମଥୁରା ଆସିଲେ କଂସ ନିଶ୍ଚିତ ଭାବେ ନିଜ ଶତ୍ରୁର ବିନାଶ କରିପାରିବ ଓ ତାର ଯୋଜନା ନିଶ୍ଚୟ ପୂରଣ ହୋଇପାରିବ ବୋଲି ତାର ଅବଧାରଣା। ଏଥିରେ ମନୋଜ ନାୟକ, ଚିନ୍ମୟ ତ୍ରିପାଠୀ, ପ୍ରତ୍ୟୁଷ ପାଢ଼ୀ, ରଜତ ମହାପାତ୍ର, ଆଶିଷ ଅନୁରାଗ ଯାଦବ, ରାହୁଲ ଦାଶ, ଶ୍ରୀକାନ୍ତ ଚୌଧୁରୀ, ଜିତାମିତ୍ରା ହୋତା, ଜର୍ଜ ବିଲୁଙ୍ଗ, ମଧୁସ୍ମିତା ବାରିକ, ପ୍ରିୟଙ୍କା କୁମ୍ଭାର, ସୁଲିପ୍ତା ଜେନା, ପ୍ରିୟଙ୍କା ପଲେଇ, ବର୍ଷା ପ୍ରିୟଦର୍ଶିନୀ ରାଉତ, ଶଶାଙ୍କ ଶେଖର ଯାଦବ, ସାଗର ରଣା, ଶିବାଶ ପାତ୍ର ପ୍ରମୁଖ ଅଭିନୟ କରିଥିଲେ। ସେହିପରି ଦ୍ୱିତୀୟ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ଗୌତମ ମହାନନ୍ଦଙ୍କ ନିର୍ଦ୍ଦେଶିତ ନାଟକ ଦାଦନ ମଞ୍ଚସ୍ଥ ହୋଇଥିଲା। ନାଟକର ବିଷୟବସ୍ତୁ ଟି ହେଉଛି ମରୁଡି ଅନାଟନ ମଧ୍ୟରେ ପଶ୍ଚିମ ଓଡ଼ଶାର ଲୋକେ ପେଶି ହୋଇ ନିଜ ପରିବାରକୁ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତେବେ ସେଠାରୁ ଫେରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଦାଦନଙ୍କ ମୃତ୍ୟୁ ଘଟୁଛି। ଦାଦନ ରୋକିବା ପାଇଁ ବହୁ ଯୋଜନା ସଫଳ ହୋଇପାରୁନାହିଁ। ନାଟକରେ ପୁରୁଷୋତ୍ତମ ହରିପାଲ, ମଧୁମିତା ମହାନନ୍ଦ, ହର୍ଷିତା ମହାନନ୍ଦ, ଶୁଭଙ୍କର ସୁନା, ସୁଜଲ ମହାନନ୍ଦ, ସୌରଭ ମହାନନ୍ଦ, ସୁନିଲ ନାଗ, ପ୍ରଭାସିନୀ ବାଗ, ମନୋଜ ମଲ୍ଲିକ, ଅମରେଶ ବେହେରା, ଶ୍ରାବଣୀ ଗୋଛୟତ, ବିକ୍ରମ ଭେସ୍ରା, ବିଶ୍ୱନାଥ ସରକାର, ନନ୍ଦିନୀ ସୁନା, ଗୌତମ ମହାନନ୍ଦ, ଦୁଲା ମହାନନ୍ଦ ପ୍ରମୁଖ ଅଭିନୟ କରିଥିଲେ।

# ପଶ୍ଚିମ ଓଡ଼ିଶାକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରାଯାଉଛି

**ଅଭିଯୋଗ ଆଣିଲା କୋସଲ ଜନତା ଦଳ**

**ରାଉରକେଲା,୪।୧୨(ସଙ୍ଗୀତା ଜେନା)** ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାମିଲ କରିବା ଘୋଷଣା ପରେ ବିରୋଧର ସ୍ୱର ତୀବ୍ର ହୋଇଛି। ଏ ନେଇ ଏକ ପ୍ରେସ୍ ବିବୃତିରେ ବିଷୋଦ୍‌ଗାର କରିଛନ୍ତି କୋସଲ ଜନତା ଦଳ(କେଜେଡି) ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର। ସେ କହିଛନ୍ତି, ଖାଲି ଉତ୍ତର ଓଡ଼ିଶା ପରିଷଦ ଗଠନ ନୁହେଁ, ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ପଶ୍ଚିମ ଓଡିଶା ବିରୋଧୀ ମନୋଭାବ ପରିପ୍ରକାଶ କରି କିଛିଦିନ ତଳେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ କାହିଁକି ହୋଇପାରିବ ନାହିଁ ତା' ସପକ୍ଷରେ ଯେଉଁ ଯୁକ୍ତି ଦର୍ଶାଇଥିଲେ ତାହା ଦୁର୍ଭାଗ୍ୟଜନକ ଓ କେନ୍ଦ୍ର ସରକାରଙ୍କ ନୀତିର ବିରୁଦ୍ଧାଚରଣ କରୁଛି ବୋଲି ମିଶ୍ର କହିଛନ୍ତି। ସେ କହିଛନ୍ତି, ନିର୍ବାଚନ ପୂର୍ବରୁ ରାଉରକେଲାର ଏକ ବୁଦ୍ଧିଜୀବୀ ସମ୍ମିଳନୀକୁ ସମ୍ବୋଧିତ କରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ଦଳ ସରକାରକୁ ଆସିଲେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯିବ। ସେହିପରି କୋସଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରିବା ଏବଂ ଏହାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ କେତେ ଆଗ୍ରହୀ ତାହା ସ୍ପଷ୍ଟ କରନ୍ତୁ। ସେ ଭଲଭାବେ ଜାଣନ୍ତି କୋସଲୀ ଏ ଅଞ୍ଚଳର ପ୍ରାୟ ଦେଢ କୋଟି ଲୋକଙ୍କ ମାତୃଭାଷା। ଏହି ଭାଷାକୁ ଲୁଚାଇ ରଖିବାର ଉଦ୍ୟମ ଅତୀତରେ ହୋଇଛି, ଯାହାକି ପଦ୍ମଶ୍ରୀ ଗଣେଶ ନାରାୟଣ ଦାସ ଦେବୀଙ୍କ ମଧ୍ୟରେ ନରସଂହାର ସଙ୍ଗେ ସମାନ। କୋସଲୀ ଭାଷାରେ ପ୍ରାଥମିକ ଶିକ୍ଷା ଏ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ନୂଆ ସରକାର ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ହୋଇଥିବା ଏହି ଅନ୍ୟାୟକୁ ଅଣଦେଖା ନକରି ସେମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ଏଥିସହିତ ଔଷଧୀୟ ବୃକ୍ଷରାଜିରେ ପୂର୍ଣ୍ଣ ଐତିହାସିକ ଗନ୍ଧମାର୍ଦ୍ଦନକୁ ଆଦାନୀଙ୍କ କମ୍ପାନୀ ହାତରେ ଟେକିଦେବା ପାଇଁ ବୃକ୍ଷ ରୋପଣ ନାମରେ ଜମି ଅଧିଗ୍ରହଣକୁ ଅନୁମତି ଦେଇ ଖଣି ଖନନ ପାଇଁ ସେ ଯେଉଁ ଗଳାବାଟ ଫିଟାଉଛନ୍ତି ତାହା ମଧ୍ୟ ଏ ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ବିରୋଧି। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ଯଥାଶୀଘ୍ର ଅଧ୍ୟକ୍ଷ ନିଯୁକ୍ତ କରି ଏ ଅଞ୍ଚଳର କେତୋଟି ଜ୍ୱଳନ୍ତ ପ୍ରସଙ୍ଗ ଉପରେ ସରକାର ଦୃଷ୍ଟି ନିବଦ୍ଧ କରନ୍ତୁ। ଉତ୍କଟ ଆଞ୍ଚଳିକ ବୈଷମ୍ୟର ଶୀକାର ହୋଇଥିବା ପଶ୍ଚିମ ଓଡିଶା ପାଇଁ ବିକାଶ ପରିଷଦ ଗଠନ ଥିଲା ଏକ ଐତିହାସିକ ନିଷ୍ପତ୍ତି ବୋଲି ମିଶ୍ର କହିଛନ୍ତି।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

**ରାଉରକେଲା,୪।୧୨(ବିପ୍ଳବ ରଞ୍ଜନ ଦାଶ)** ରାଉରକେଲାର ଅଗ୍ରଣୀ ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ଭବନ ପ୍ରେକ୍ଷାଳୟରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସୁନ୍ଦରଗଡ଼ ଜିଲାର ସରପଞ୍ଚ ସଂଘର ସଭାପତି ତଥା ଝିରପାଣି ସରପଞ୍ଚ ଅଜିତ ତିର୍କୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏନଆଇଟି ରାଉରକେଲାର ମନୋବିଜ୍ଞାନ ବିଭାଗର ଆସୋସିଏଟ ପ୍ରଫେସର ଡ.ରାମକୃଷ୍ଣ ବିଶ୍ୱାଳ, ଟାଟା ପାୱାର ପଶ୍ଚିମାଞ୍ଚଳ ଶାଖାର ହରପ୍ରସାଦ ଦାସ,ଓଡୁଶୁ ପଞ୍ଚାୟତର ସରପଞ୍ଚ ଦୁଲାରୀ ଖାଖା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲାର ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରଭାତ କୁମାର ମଲ୍ଲିକ ଯୋଗଦେଇଥିଲେ। ଏଥିରେ ଶ୍ରଦ୍ଧା ସଭାପତି ପଶୁପତିନାଥ ଚାଟାର୍ଜୀ ପୌରହିତ୍ୟ କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦିବସ ପାଳନ ସମାରୋହ ଉପଲକ୍ଷେ ସୁଜାତା ରାଉତଙ୍କ ନିର୍ଦ୍ଦେଶନାରେ ସେଭ ୱାଟର ନୃତ୍ୟ ନାଟିକା ଓ ପ୍ରିତୀ ବାରିକଙ୍କ ନିର୍ଦ୍ଦେଶନାରେ ଦୁର୍ଘଟଣା ମୁକ୍ତ ଭାରତ ଉପରେ ସାବଧାନ ଶିର୍ଷକ ନୃତ୍ୟ ନାଟିକା ସମବେଶ ମନକୁ ବେଶ ଛୁଇଁଥିଲା। ପରେ ଡକ୍ଟର ଅନ୍ତର୍ଜିତା ନାୟକଙ୍କୁ ଶ୍ରଦ୍ଧା ସମ୍ମାନ, ଅଗସ୍ତମ ଗୌଡଙ୍କୁ ଦୀପ ଜ୍ୟୋତି ସମ୍ମାନ ଏବଂ ଇତିଶ୍ରୀ ଦାସଙ୍କୁ ରାଜକିଶୋର ରାଜଗୁରୁ ସମ୍ମାନ ଏବଂ ଶ୍ରଦ୍ଧାର ସ୍ୱତନ୍ତ୍ର ଛାତ୍ରୀ ରଶ୍ମିଲତା ବେହେରାଙ୍କୁ ଅଙ୍କୁଶ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିମାନେ ଭିନ୍ନକ୍ଷମ ଦିବସର ତାତ୍ପର୍ଯ୍ୟ ଓ ସେମାନଙ୍କ ସୁବିଧା ସୁଯୋଗ ବିଷୟରେ କହିଥିଲେ। ଗୋଷ୍ଠୀ ଭିତ୍ତିକ ଥଇଥାନ ଅଧିକାରୀ ରିନୁଲତା ମହାରଣା ବିଶ୍ରା ବ୍ଲକର ୯ଟି ପଞ୍ଚାୟତରେ ଚାଲୁଥିବା କାର୍ଯ୍ୟକ୍ରମ ଉପରେ ବିବରଣୀ ରଖିବା ସହ ୧୬ଶହ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର,ବସ ଓ ଟ୍ରେନ ପାସ, ଭତା,ସହାୟକ ଉପକରଣ,ଶିକ୍ଷା ବୃତ୍ତି ଆଦି ଯୋଗାଇ ଦିଆଯିବା ସହିତ ୧୬ ଶହ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବାର ପ୍ରୟାସ ବିଷୟ ଉପରେ ସୂଚନା ପ୍ରଦାନ କରିଥିଲୋ। ସଭା ଶେଷରେ ଶ୍ରଦ୍ଧା ଉପସଭାପତି ଅଶୋକ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଆନ୍ତଃ ସ୍କୁଲସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ରାଉରକେଲା,୪।୧୨(ବିପ୍ଳବ ରନ ଦାଶ)** ଆର୍‌ଏସପି ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଚାଲିଥିବା ଆରଏସପି ଆନ୍ତଃ ସ୍କୁଲସ୍ତରୀୟ ଚେସ ଚାମ୍ପିୟାନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ସହର ପ୍ରଶାସନ ଓ ସିଏସଆର ବିଭାଗ ସିଜିଏମ ଇନଚାର୍ଜ ପି.କେ ସ୍ୱାଇଁ ଅଧ୍ୟକ୍ଷତା କରି ଚାମ୍ପିୟାନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସହର ସେବା ଶିକ୍ଷା ବିଭାଗର ଜିଏମ ଅସୀମ ସାବତ ଓ ଅନ୍ୟ ଅଧିକାରୀ,ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ମଧ୍ୟ ସମ୍ମିଳିତ ରହିଥିଲେ। ଅସୀମ ସାବତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଆରଏସପି କ୍ରୀଡା ବିଭାଗୀୟ ଡେପୁଟି ମ୍ୟାନେଜର ଆରଏନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନିଲ ମଲ୍ଲିକ ସମାରୋହକୁ ସଂଯୋଜନା କରିଥିଲେ। ବାଳକ ବର୍ଗରେ ୫ବର୍ଷରୁ କମ ବର୍ଗରେ ପ୍ରଥମ ପୁରସ୍କାର ସେଣ୍ଟ ପଲ ସ୍କୁଲର ସିଦ୍ଧାର୍ଥ ସମ୍ବିତ ଜେନା, ୭ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର ଯୁଗଳ ଗୁପ୍ତା, ୯ବର୍ଷରୁ କମ ବର୍ଗରେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସାହିଲ କୁମାର ବେହେରା, ୧୧ବର୍ଷରୁ କମ ବର୍ଗରେ ଶୁଭାଶିଷ ବାରିକ,୧୩ବର୍ଷରୁ କମ ବର୍ଗରେ ଚିନ୍ମୟ ବିଦ୍ୟାଳୟର ରାଉଲ କାଶ୍ୟପ ଏବଂ ୧୫ବର୍ଷରୁ କମ ବର୍ଗରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦିପ୍ତେଶ କୁମାର ତନ୍ତୀ ପୁରସ୍କୃତ ହୋଇଥିଲେ। ବାଳିକା ବର୍ଗରେ ୯ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର କାମାକ୍ଷା ବହୁବଲେନ୍ଦ୍ରନୀ, ୧୧ବର୍ଷରୁ କମ ବର୍ଗରେ ଦୀପାକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ତନ୍ମୟୀ ସାହୁ, ୧୩ବର୍ଷରୁ କମ ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲର ନିଲିପ୍ତା ଧଳ ଏବଂ ୧୫ ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର ସାନୋଜା ଖେସ ପୁରସ୍କୃତ ହୋଇଥିଲେ। ସୂଚନାଯୋଗ୍ୟ,୨୦ରୁ ଅଧିକ ବିଦ୍ୟାଳୟର ୨୧୨ଜଣ ଛାତ୍ରୀଛାତ୍ର ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିଲେ।


ଚାମ୍ପିୟନ ହୋଇଥିବା ଖେଳାଳିମାନଙ୍କ ସହିତ ଅତିଥି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବୃଦ୍ଧା ମୃତ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବଡକୁଦର ଛକରେ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ବଡକୁଦର ଗ୍ରାମର ଡାଳିମ୍ବ ସାହୁ (୬୫) ତାଙ୍କ ନାତିଙ୍କୁ ଟ୍ୟୁସନରେ ଛାଡିଘରକୁ ଫେରୁଥିଲେ। ସେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଟ୍ରକ୍ ଭୁଲ ରାସ୍ତା(ରଙ୍ଗରୁଟ)ରେ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ବୃଦ୍ଧାଙ୍କୁ ଧକ୍କା ଦେଇଥିଲେ। ଫଳରେ ଡାଳିମ୍ବ ରାସ୍ତା ଉପରକୁ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଦ୍ୱାରା ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଶଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

### କାର୍ ସହ ନକଲି ବିଦେଶୀ ମଦ ଜବତ: ୩ ଗିରଫ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ତେଲିମୁଣ୍ଡା ଛକରୁ ଏକ କାର୍ ସହିତ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୩ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫମାନେ ରିଆମାଳ ଥାନା ବାଲିଜୋରି ଗ୍ରାମର ଶ୍ରୀଧର ପ୍ରଧାନ, ଭିତରପଦ ଗ୍ରାମର ପ୍ରଶାନ୍ତ ସୁନା ଓ ଫୁଲସରନାଲି ଗ୍ରାମର ତପନ ସାହୁ। ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ଏକ କାର ସହିତ ୧୦୫ ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି। ହ୍ୱିସ୍କି ନମ୍ବର ୱାନ, ରୋୟାଲ ଷ୍ଟାଗ, ରୋୟାଲ ଚ୍ୟାଲେଞ୍ଜର ହ୍ୱିସ୍କି, ବ୍ଲାକ ଡାଇମଣ୍ଡ ହ୍ୱିସ୍କି ଆଦି କମ୍ପାନୀର ନକଲି ବିଦେଶୀ ମଦ ପ୍ରସ୍ତୁତ କରି ଏକ କାରରେ ଚାଲାଣ କରୁଥିବା ବେଳେ ତେଲିମୁଣ୍ଡା ଛକରୁ ରିଆମାଳ ପୋଲିସ ଜବତ କରିଛି। ତେଲିମୁଣ୍ଡା ଛକରେ ପୋଲିସ ଗାଡି ଚେକିଂ କରୁଥିବା ବେଳେ ସେମାନେ ଧରାପଡିଛନ୍ତି। ପୋଲିସକୁ ଚକମା ଦେଇ ଫେରାର ମାରୁଥିବା ବେଳେ ପୋଲିସ ସେମାନଙ୍କୁ ଗୋଡାଇ ଧରିଥିବା ଜଣାପଡିଛି। ବେଆଇନ ସ୍ପିରିଟ ବ୍ୟବହାର କରି ଅଭିଯୁକ୍ତମାନେ ବିଭିନ୍ନ କମ୍ପାନୀର ନକଲି ବିଦେଶୀ ମଦ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

### ଜିଲାସ୍ତରୀୟ ଯୁବ ଉତ୍ସବ ପାଳିତ

ଝାରସୁଗୁଡ଼ା,୪।୧୨(ଆଶିଷ ରଞ୍ଜନ ଦାଶ)

ନେହରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଚିତ୍ରକଳା, କବିତା ଲିଖନ, ମୋବାଇଲ ଫଟୋଗ୍ରାଫି, ଲୋକନୃତ୍ୟ ଓ ବିଜ୍ଞାନ ମେଳା (ବ୍ୟକ୍ତିଗତ ଓ ଦଳଗତ) ୬ଟି ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଝାରସୁଗୁଡା ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦେଶ ପାଇଁ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଯୁବ ମହୋତ୍ସବ ଆୟୋଜନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି କହିଥିଲେ। ଏନ୍‌ୱାଇକେ ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ନନ୍ଦିନୀ ଶତପଥୀ, ରାଜନୀତି ବିଜ୍ଞାନ ରିଡର ରେଣୁକା ପୂଜାରୀ, ହିନ୍ଦୀ ପ୍ରାଧ୍ୟାପିକା ଡ.ମୀନା ସୋନି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ୱାଇକେର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଳୁ ଗୋଦାମ, ବିଭିନ୍ନ ଦୋକାନରେ ଚଢ଼ାଉ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଗତ କିଛିଦିନ ହେବ ଓଡ଼ିଶାରେ ଆଳୁର ଅଭାବ ଓ ବଜାର ଦର ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଚଢ଼ାଦରରେ ଆଳୁ ବିକ୍ରି ଅଭିଯୋଗ ପରେ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଆଳୁ ଗୋଦାମ ସମେତ ବିଭିନ୍ନ ଦୋକାନରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଏସିଏସଓ ସତ୍ୟବ୍ରତ ସେଠୀ ଏବଂ ପୌରାଞ୍ଚଳ ଯୋଗାଣ ଅଧିକାରୀ ସୌମ୍ୟସମିତ ସାମଲ ଚଢାଉ କରି ତଦନ୍ତ କରିଥିଲେ। ପଶ୍ଚିମବଙ୍ଗ ସରକାର ଆଳୁ ବନ୍ଦ କରିବା ପରେ ଦେବଗଡ଼ ବଜାରକୁ ନୂଆ ଆଳୁ ପ୍ରବେଶ କରିନି। ଗୋଦାମରେ



ଏକ ଗୋଦାମରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

ଯେଉଁ ଆଳୁ ଅଛି କୁଇଣ୍ଟାଲ ପ୍ରତି ୧୩୫୦ ଟଙ୍କାରେ ବିକ୍ରି କରାଯାଉଛି ବୋଲି ଚଢାଉ ବେଳେ ଯୋଗାଣ ବିଭାଗ ଜାଣିବାକୁ ପାଇଛି। ଏଥିସହ

**ଚଢ଼ାଦରରେ ଆଳୁ ବିକ୍ରି ଅଭିଯୋଗ**

ଗୋଦାମ ସମ୍ମୁଖରେ ଆଳୁ ଦର ତାଲିକା ଲଗାଇବା ପାଇଁ ବ୍ୟବସାୟୀଙ୍କୁ ତାଗିଦ କରାଯାଇଥିବା ବେଳେ ଏହାଠାରୁ ଚଢା ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପଟେ ଉତ୍ତରପ୍ରଦେଶ ଆଳୁ ଦେବଗଡ଼ ବଜାରକୁ ପ୍ରବେଶ କରିବା ପରେ ଦରରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଥିବା ବେଳେ ଖାଉଟି ଯେଭଳି ଚଢ଼ାଦରର ସମ୍ମୁଖିନ ହେବେ ନାହିଁ, ସେଥିପ୍ରତି ଯୋଗାଣ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ଏସିଏସଓ ସେଠୀ ସୂଚନା ଦେଇଛନ୍ତି।

## ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ବିବାହ ପ୍ରଲୋଭନ ଦେଖାଇ ବାରକୋଟ ଥାନା ଠାକୁରପାଲି ଗ୍ରାମର ଜଣେ ଯୁବକ ଦେବଗଡ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ବଳାତ୍କାର ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ପୀଡ଼ିତାଙ୍କ ଗ୍ରାମରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଘଟଣାର ଅଧିକ ତଦନ୍ତ କରି ଫେରିଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଠାକୁରପାଲି ଗ୍ରାମର ସମୀର ମହାକୁଲ (୧୯) ନାମକ ଯୁବକ ଗତ ମାର୍ଚ୍ଚରେ ଦେବଗଡ଼ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ଯୁବତୀ (୨୦) ସହ ବନ୍ଧୁତା ସ୍ଥାପନ କରିବା ପରେ ପ୍ରେମ

**ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ**

ନିବେଦନ କରିଥିଲେ। ଗତ ଏପ୍ରିଲରେ ପରିବାର ଲୋକେ ଅନୁପସ୍ଥିତରେ ଘରେ ପଶି ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରିଥିଲେ। ଯୁବତୀ ଜଣକ ଭୟଭୀତ ହୋଇ କାନ୍ଦିବାରୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରି ଆସୁଥିଲେ। ଗତ ୨୮ ତାରିଖରେ ଯୁବତୀଙ୍କୁ ବଳାତ୍କାର କରୁଥିବା ବେଳେ ତାଙ୍କ ମା' ଓ ଗ୍ରାମବାସୀ ସମୀରଙ୍କୁ କାବୁ କରି ଉଭୟଙ୍କ ମଧ୍ୟରେ ବିବାହ କରାଇବା ପାଇଁ ସମୀରର ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ। ସମୀରଙ୍କ ପରିବାର ଲୋକେ ରାଜି ନ ହେବାରୁ ପୀଡ଼ିତା ଦେବଗଡ ଥାନାରେ ଅଭିଯୋଗ କରିଥିଲେ।

## ଝାରସୁଗୁଡ଼ା ହେରିଟେଜ୍ ବିଲ୍‌ଡିଂ ପାଇଁ ସ୍ୱତନ୍ତ୍ର ଡାକଘର




ସ୍ୱତନ୍ତ୍ର ଡାକଘର ଉନ୍ମୋଚନ କରାଯାଉଛି।

ଝାରସୁଗୁଡ଼ା,୪।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ମୁଖ୍ୟ ଡାକ ବିଭାଗର ଐତିହ୍ୟ ଭବନକୁ ପାଳନ କରୁଥିବା ଏକ ସ୍ମରଣୀୟ ଡାକଘର ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଉନ୍ମୋଚନ କରାଯାଇଥିଲା। ବ୍ରିଟିଶ ଶାସନ ସମୟରେ ୧୮୯୨ରେ ଏକ ସବ୍‌ପୋଷ୍ଟ ଅଫିସ୍ ଭାବେ ପ୍ରତିଷ୍ଠିତ ହୋଇଥିବା ଝାରସୁଗୁଡା ହେଡ୍‌ପୋଷ୍ଟ ଅଫିସ୍, ଐତିହାସିକ ମହତ୍ତ୍ୱ ରଖେ। ବଙ୍ଗଳାନାଗପୁର ରେଲୱେ (ବିଏନ୍‌ଆର୍) ଅଧୀନରେ ଝାରସୁଗୁଡା ରେଳ ଷ୍ଟେଶନ କାର୍ଯ୍ୟକ୍ଷମ ହେବା ପରେ ନିର୍ମିତ ଏହି ଡାକଘର ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ କେନ୍ଦ୍ର ଭାବେ କାର୍ଯ୍ୟ କରିଥିଲା। ୧୯୪୨ରେ ଭାରତ ଛାଡ ଆନ୍ଦୋଳନ ସମୟରେ ଏହି କୋଠା ଏକ ସାଙ୍କେତିକ ଭୂମିକା ଗ୍ରହଣ କରିଥିଲା। ଯେତେବେଳେ ସେଠାରେ ତ୍ରିକୋଣୀୟ ଉତ୍ତୋଳନ କରାଯାଇଥିଲା। ୧୯୭୯ ଅକ୍ଟୋବର ୩ରେ ମୁଖ୍ୟ ଡାକଘରକୁ ଉନ୍ନୀତ କରାଯାଇଥିଲା ଏବଂ ପରେ ୨୦୨୧ ଡିସେମ୍ବର ୧୪ରେ ବିଭାଗ ଦ୍ୱାରା ଏହି ଡାକ ଘରକୁ ଐତିହ୍ୟ କୋଠା ଭାବେ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁରସ୍ଥିତ ପୋଷ୍ଟମାଷ୍ଟର ଜେନେରାଲ (ପିଏମ୍‌ଜି) ରିଜୁ ଗାଙ୍ଗୁଲି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସେଟଲମେଣ୍ଟ ଅତିରିକ୍ତ କମିଶନର ସୀତାରାମ ପଟେଲ, ଡିଏଭି ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଏବଂ ରାଉରକେଲା ଡାକ ବିଭାଗର ଡାକ ଅଧୀକ୍ଷକ ଶ୍ୟାମ ସୁନ୍ଦର ମହାରଣା ଯୋଗଦେଇଥିଲେ। ସୁନ୍ଦରଗଡ ଡାକ ବିଭାଗର ବରିଷ୍ଠ ଡାକ ଅଧୀକ୍ଷକ ଜୟନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଧୁନିକ ସମାଜରେ ଡାକ ବିଭାଗର ବିକାଶମୂଳକ ଭୂମିକା ଉପରେ ଗୁରୁତ୍ୱ ଦେଇ ରିଜୁ ଗାଙ୍ଗୁଲି ଏଭଳି ପଦକ୍ଷେପ ମାଧ୍ୟମରେ ଝାରସୁଗୁଡାର ଐତିହ୍ୟର ସଂରକ୍ଷଣ ଏବଂ ପ୍ରଚାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅଭିଷେକ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରମାଣ ଅଭାବରୁ ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମହିଳା ଅଦାଲତ ଜଜ୍ ତଥା ସହକାରୀ ଦୌରା ଜଜ୍ ସନ୍ତଶ୍ରୀ ମହାନ୍ତି ଏକ ବଳାତ୍କାର ମାମଲାର ରାୟ ପ୍ରକାଶ କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଦେବଗଡ଼ ପୌରାଞ୍ଚଳର ରଞ୍ଜିତ ମିଞ୍ଜ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦେବଗଡ଼ ଥାନାଞ୍ଚଳ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିଥିଲେ। ଯୁବତୀ ଅନ୍ତସତ୍ତ୍ୱା ଥିବା ଜାଣି ରଞ୍ଜିତ ତାଙ୍କୁ ଗର୍ଭ ନିରୋଧକ ବଟିକା ଦେଇ ଗର୍ଭ ନଷ୍ଟ କରିଥିବା ପୀଡ଼ିତା ଦେବଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ରଞ୍ଜିତ ଏବଂ ତାଙ୍କ ମା' ସମ୍ପୃକ୍ତ ଯୁବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ପୀଡ଼ିତା ୨୦୧୯ ମାର୍ଚ୍ଚ ୪ରେ ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଉଭୟ ମା'ପୁଅଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ମାମଲାର ବିଚାର କରି ଅଦାଲତ ସାକ୍ଷମାନଙ୍କ ବୟାନ ଓ ଉଭୟ ପକ୍ଷର ଓକିଲମାନଙ୍କ ଜବାବ ସୁଆଲ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ, ସାରଙ୍ଗଧର ଦେହୁରୀ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମକଦ୍ଦମା ପରିଚାଳନା କରୁଥିଲେ।

## ବେଆଇନ କୁକୁଡ଼ା ଲଢ଼େଇ, ଜୁଆ ଆଡ୍ଡା ଉପରେ ଚଢ଼ାଉ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବେଆଇନ କୁକୁଡା ଲଢେଇ ଓ ଜୁଆ ଆଡ୍ଡା ଚାଲିଥିବା ବେଳେ ବାରକୋଟ ଥାନା ପୋଲିସ ଚଢ଼ାଉ କରି ୩ଜଣ ଜୁଆଡିଙ୍କୁ ଗିରଫ କରିଛି। ଗିରଫ ୩ଜଣ ହେଲେ ବାରକୋଟ ଥାନାଞ୍ଚଳ ପୁରୁଣାପାଣି ଗ୍ରାମର ବିମ୍ଧ୍ୟା ନାୟକ (୩୨), ନାରଣ ବେହେରା (୩୫) ଓ ରିଆମାଳ ଥାନା ବଡ ଡଙ୍ଗାଘାଟ ଗ୍ରାମର ବିପିନ ପେଂଠେଇ(୨୨)। ଏଥିସହ ସେମାନଙ୍କଠାରୁ ଏକ ଜୀବନ୍ତ କୁକୁଡା, ଏକ ବାଇକ୍, କିଛି ଟଙ୍କା ଏବଂ ଜୁଆ ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିବା ସହ ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାମଚନ୍ଦ୍ରପୁର ଗ୍ରାମରେ ବାରକୋଟ ଥାନା

**ଜୀବନ୍ତ କୁକୁଡ଼ା, ବାଇକ୍, ନଗଦ ଟଙ୍କା ଓ ଜୁଆରେ ବ୍ୟବହୃତ ସାମଗ୍ରୀ ଜବତ, ୩ ଗିରଫ**

ଅଧିକାରୀଣୀ ଯାଜ୍ଞସେନୀ ପ୍ରଧାନଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ରାମଚନ୍ଦ୍ରପୁର ଗ୍ରାମରେ ବେଆଇନ କୁକୁଡା ଲଢେଇ ଓ ଜୁଆ ଆଡ୍ଡା ଚାଲିଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ ପୋଲିସ ସେଠାରେ ଦସଦଲବେଳେ ଚଢ଼ାଉ କରିଥିବା ସେଠାରୁ ବାରକୋଟ ଥାନାଞ୍ଚଳ ପୁରୁଣାପାଣି ଗ୍ରାମର ବିମ୍ଧ୍ୟା, ନାରଣ ଓ ରିଆମାଳ ଥାନା ବଡ ଡଙ୍ଗାଘାଟ ଗ୍ରାମର ବିପିନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମୋବାଇଲ ଆଡ୍‌ଭାନ୍ସ ପେଡ଼ି କ୍ଲିନର ମେଶିନ ଉଦ୍‌ଘାଟିତ

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡରେ ମୋବାଇଲ ଆଡଭାନ୍ସ ପେଡି କ୍ଲିନର ମେଶିନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରକ୍ଷୀତ ସାହୁ ଯୋଗଦେଇ ଏହି ମେଶିନର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅମଳେନ୍ଦୁ ସିଂ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଏହି ମେଶିନ ଦ୍ୱାରା ଚାଷୀମାନେ ସେମାନଙ୍କ ଅମଳ ଧାନ ପରିଚାଳନା



ମୋବାଇଲ ଆଡଭାନ୍ସ ପେଡି କ୍ଲିନ ମେଶିନ ଉଦ୍‌ଘାଟନ କରାଯାଉଛି।

କରିବା ସହିତ ସଫା କରିପାରିବେ। ଇତିମଧ୍ୟରେ ଦେବଗଡ ଜିଲାକୁ ୨ଟି ମେଶିନ ଯୋଗାଇ ଦିଆଯାଇଥିବା ବେଳେ ଆର୍‌ଏମ୍‌ସି ଅଧୀନରେ ଏଗୁଡିକ ପରିଚାଳିତ ହେବ। ମୋବାଇଲ ଆଡଭାନ୍ସ ପେଡି କ୍ଲିନର ମେଶିନ ଉଦ୍‌ଘାଟନ ହେବା ପରେ କେତେଜଣ ଚାଷୀଙ୍କ ଧାନ ସଫା କରାଯାଇଥିଲା। ଯେଉଁ ଚାଷୀର ଧାନ ଏଫ୍‌ଏକ୍ୟୁ ମାନର ହୋଇ ନ ଥିବ ସେମାନେ ଚାହିଁଲେ ଏହି ମେଶିନ ସାହାଯ୍ୟରେ ଧାନର ପରିଚାଳନା କରି ଏଫ୍‌ଏକ୍ୟୁ ମାନର ଧାନ ବାହାର କରିବାର ଲାଭ ଉଠାଇ ପାରିବେ। ସୂଚନାଯୋଗ୍ୟ ଯେ, ଆସନ୍ତା ୧୩ ତାରିଖ ଦେବଗଡ ଜିଲାରେ ଚଳିତ ବର୍ଷର ଧାନ କ୍ରୟ ଶୁଭାରମ୍ଭ ହେବ। ପର୍ଯ୍ୟାୟକ୍ରମେ ଏହି ମେଶିନ ବିଭିନ୍ନ ସେବା ସମବାୟ ସମିତିକୁ ଯାଇ ଚାଷୀଙ୍କୁ ସୁବିଧା ଯୋଗାଇ ଦେବ। ସେହିପରି ଏହି ମେଶିନ ସାହାଯ୍ୟରେ ଧାନ ସଫାକରିବା ପାଇଁ କୁଇଣ୍ଟାଲ ପ୍ରତି ଚାଷୀଙ୍କୁ ୫୦ ଟଙ୍କା ଆର୍‌ଏମ୍‌ସିକୁ ଦେବାକୁ ପଡିବ ବୋଲି ଜଣାପଡିଛି।

## ଜିଲା କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୪।୧୨(ଆଶିଷ ରଞ୍ଜନ ଦାଶ)

ଜିଲା କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମହା ସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତପି ପରମାର, ଆଇଏଏସ୍ ପ୍ରବେଶନର ସର୍ବାନନ ସି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ସଦାକର କୁମ୍ଭାର, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୧ଟି ଅଭିଯୋଗରୁ ୩୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଥିଲା। ଶିବିରରେ ଭାସ୍କର ସୂତା କଳରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପେନସନ, ବେହେରାମାଲ ନୂଆପଡ଼ା ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଓ ସ୍କୁଲ ଗୃହ ନିର୍ମାଣ, ଭୂମିହୀନଙ୍କୁ ସ୍ଥାୟୀ ଜମି ଯୋଗାଣ, ସମରବଗା ପଞ୍ଚାୟତରେ ପ୍ରକଳ୍ପ ସକାଶେ ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁରୀ, ଜିଲାରେ ଖୁଚୁରା ବିକ୍ରେତାଙ୍କ ବିଭିନ୍ନ ସମସ୍ୟା, କୋଲାବିରା ପୋଖରାସାଲେ ପଞ୍ଚାୟତରେ ଧାନ ଫସଲ କ୍ଷତି ପୂରଣ, ବ୍ରଜରାଜନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଶିକ୍ଷକ ନିଯୁକ୍ତି ଓ ଦୁର୍ଲଗାରେ ଜଙ୍ଗଲ ଜମି ଚିହ୍ନଟ ତଥା ଜମି ଚିହ୍ନଟ ସମ୍ପର୍କିତ ସାମୁହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ରେଡକ୍ରସ ପକ୍ଷରୁ ୨ଜଣଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ୩ଚକିଆ ସାଇକେଲ ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ବନ୍ଧରେ ତର୍ଜମା କରି ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣର ପ୍ରତିବାଦ

ଝାରସୁଗୁଡ଼ା,୪।୧୨(ଆଶିଷ ରଞ୍ଜନ ଦାଶ)

ବାଂଲାଦେଶରେ ହିନ୍ଦୁ ସମୁଦାୟଙ୍କୁ ଆକ୍ରମଣ ନେଇ ବୁଧବାର ପୂର୍ବାହ୍ନ ୧୦ଟାରେ ହିନ୍ଦୁ ଏକତା ମଞ୍ଚ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ ସହିତ ଜିଲାର ସମସ୍ତ ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତା ତଥା ଜନସାଧାରଣ ଏକତ୍ରିତ ହୋଇ ବିରୋଧ ଶୋଭାଯାତ୍ରା କରାଯାଇଛି। ବାଂଲାଦେଶରେ ବର୍ତ୍ତମାନ ହିନ୍ଦୁମାନଙ୍କ ପ୍ରତି ଯେଉଁ ଅନ୍ୟାୟ, ଅତ୍ୟାଚାର ପ୍ରତିବାଦ କରି ଏକ ବିରାଟ ଶୋଭାଯାତ୍ରା କରାଯାଇଛି। ଏଥିରେ ଶହ ଶହ ବାଇକ୍ ସହିତ ପଦଯାତ୍ରାରେ ବହୁ ମହିଳାମାନେ ମଧ୍ୟ ଯୋଗଦାନ କରିଥିଲେ। ଶୋଭାଯାତ୍ରା ପୂର୍ବାହ୍ନ ୧୧ଟାରେ ମନମୋହନ ପଡିଆଠାରୁ ଆରମ୍ଭ ହୋଇ ପୁରୁଣାବସ୍ତି ଦେଇ ବେହେରାମାଲସ୍ଥିତ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ହୋଇଥିଲା। ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ବାଂଲାଦେଶରେ ଥିବା ହିନ୍ଦୁମାନଙ୍କୁ ସୁରକ୍ଷା ଦେବା ସହିତ, ହିନ୍ଦୁଧର୍ମୀ ଲୋକଙ୍କୁ ବଞ୍ଚିବାର ଅଧିକାର ତୁରନ୍ତ ଦିଆଯାଉ ବୋଲି ଦାବି କରାଯାଇଛି, ନ ହେଲେ ଆଗକୁ ଏହା ତୀବ୍ର ରୂପ ନେବ ବୋଲି ହିନ୍ଦୁ ଏକତା ମଞ୍ଚ ପକ୍ଷରୁ କୁହାଯାଇଛି।




ହିନ୍ଦୁ ଏକତା ମଞ୍ଚର ଶୋଭାଯାତ୍ରା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର

ଦେବଗଡ଼,୪।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ପରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସରକାର ନୂତନ ନିୟମ ଆରମ୍ଭ କରିଥିବା ବେଳେ ଏହି ନିୟମ ଅନୁଯାୟୀ ନୂତନ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ କରିପାରିବେ। ଏଣୁ ହିତାଧିକାରୀମାନଙ୍କୁ ସଚେତନ କରିବା ପାଇଁ ପରା ସରପଞ୍ଚ ପପିନା ବିଶ୍ୱାଳଙ୍କ ଅଧ୍ୟକ୍ଷତା ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୁନା ବେହେରାଙ୍କ ସଂଯୋଜନାରେ ଉକ୍ତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ନୂତନ ନିୟମ ଅନୁଯାୟୀ ୨ଚକିଆ ଯାନ, ଫ୍ରିଜ୍ ଓ ଲ୍ୟାଣ୍ଡଲାଇନ ଫୋନ ଥିବା ପରିବାରକୁ ଅଯୋଗ୍ୟ ବିବେଚନା କରାଯିବ ନାହିଁ। ସେହିପରି ପରିବାରର ମାସିକ ଆୟ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଦିଆଯାଉଛି।

୧୦ ହଜାରରୁ ୧୫ ହଜାରକୁ ବୃଦ୍ଧି କରାଯାଇଛି। ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରକୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ। ଏଥିପାଇଁ ସରକାର ନୂତନ ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି। ପୂର୍ବରୁ ସମସ୍ତ ସର୍ଭେ କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ହେଉଥିବା ସ୍ଥଳେ ଚଳିତ ସର୍ଭେରେ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ କରିପାରିବେ। ଫଳରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ତାଲିକାଭୁକ୍ତ ହୋଇପାରିବେ। ଏ ନେଇ କର୍ମଶାଳା ଆୟୋଜନ ହୋଇଥିବା ବେଳେ ହିତାଧିକାରୀମାନେ ନିଜ ଦ୍ୱାରା ସର୍ଭେ କରିବାର ପ୍ରଣାଳୀ ଏବଂ ସର୍ଭେ ସମୟରେ ଆବଶ୍ୟକ ହେଉଥିବା ପରିବାର ସଦସ୍ୟଙ୍କ ଆଧାର କାର୍ଡ, ଜବକାର୍ଡ, ବ୍ୟାଙ୍କ ଜମା ଖାତା ଇତ୍ୟାଦି ବିବରଣୀ ସକ୍ରାନ୍ତୀୟ ତଥ୍ୟକୁ ପ୍ରସ୍ତୁତ ରଖିବା ପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ପରା ପଞ୍ଚାୟତ କାର୍ଯ୍ୟାଳୟର ଏଡିଇଓ ବାସୁଦେବ ବେହେରା ସହଯୋଗ କରିଥିଲେ।

**ସଂକ୍ଷେପରେ**

## କାର୍ ଧକ୍କାରେ ୨ ମୃତ

ସଇଁତଲା,୪।୧୨(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ଅନ୍ତର୍ଗତ ମହଗାଁ ଛକ ନିକଟରେ ଏକ କାର୍ ଧକ୍କାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସର ସୂଚନା ଅନୁଯାୟୀ, ଟିଟିଲାଗଡ଼ ଭିର୍କାପଡ଼ା ଭୁସଲାଡ଼ ଗ୍ରାମର ରାଜେନ ରହତେଇ (୩୦) ଓ ତାଙ୍କ ସାଙ୍ଗ ମନୋଜ ବନଛୋର ସଇଁତଲାରେ ରହୁଥିଲେ। ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ଦୁହେଁ ନିଜ ଗ୍ରାମକୁ ଏକ ବାଇକ୍ (ନଂ ଓଡ଼୦୩-ଏଫ-୫୦୦୬)ରେ ଯାଉଥିବା ବେଳେ ମହଗାଁ ଛକ ନିକଟରେ ବଲାଙ୍ଗୀର ପଟକୁ ଯାଉଥିବା ଏକ କାର୍ (ନଂ. ଓଡ଼ି୧୭-ଏଏ-୦୦୮୪) ସେମାନଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, କାର୍‌ର ସମ୍ମୁଖ ଭାଗ ଓ ବାଇକ୍ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗର ଗାଡ଼ି ସହାୟତାରେ ଦୁହିଁଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ଼ାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍‌କୁ ଜବତ କରି ଅଧିକ ତଦନ୍ତ ଚଳାଇଛି ।

## ବୁଲା କୁକୁରଙ୍କ ପ୍ରାଦୁର୍ଭାବ: ଲୋକ ଆତଙ୍କିତ

ଲାଠୋର,୪।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଦେଖାଦେଇଛି । ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ହେତୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ୧୨ ୱାର୍ଡ ବିଶିଷ୍ଟ ଗ୍ରାମର ଲୋକସଂଖ୍ୟା ୧୦ ହଜାର । ଗ୍ରାମରେ ବର୍ତ୍ତମାନ ବୁଲା କୁକୁର ସଂଖ୍ୟା ବଢ଼ିବାରେ ଲାଗିଛି । କୁକୁରମାନେ ମୁଖ୍ୟରାସ୍ତା, ମାର୍କେଟ, ରେଳ ଷ୍ଟେଶନ ଏବଂ ଫାଟକ, ବ୍ୟାଙ୍କ, ବସଷ୍ଟାଣ୍ଡ, ଶିଶୁ ବିଦ୍ୟା ମନ୍ଦିର ଛକ ତଥା ମୁଖ୍ୟ ଏରିଆରେ ଆତଙ୍କ ସୃଷ୍ଟି କରୁଛନ୍ତି। ଲୋକ ଯିବା ଆସିବା ବେଳେ ଅଧିକାଂଶ ସମୟରେ ଗୋଡେଇ କାମୁଡୁଛନ୍ତି। ବିଶେଷ କରି ଛୋଟ ପିଲାମାନେ ବିଦ୍ୟାଳୟ ଯିବା ଆସିବା ବେଳେ ସେମାନଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ମଙ୍ଗଳବାର ଗ୍ରାମର ତଳପଡ଼ାରେ ୪ ଜଣ ଶିଶୁ, ମଝିପଡ଼ାର ଜଣେ ମହିଳା ,ବରଗଛ ପଡ଼ାର ଜଣେ ମହିଳା, ମାର୍କେଟ ଏରିଆର ଜଣେ ବ୍ୟକ୍ତିଙ୍କୁ କୁକୁର କାମୁଡିଥିବା ଜଣାପଡିଛି। ବ୍ଲକ କିମ୍ବା ପଞ୍ଚାୟତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କେ.ଭି. କଲେଜରେ ଯୁବ ରେଡ୍‌କ୍ରସ ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି,୪।୧୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କେ.ଭି.ମହାବିଦ୍ୟାଳୟ, କଣ୍ଟାବାଞ୍ଜିରେ ଯୁବ ରେଡ୍‌କ୍ରସର ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼.ପଦ୍ମଲୋଚନ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସ ଜିଲା ସଂଯୋଜକ ଡ଼.ଦୈତାରୀ ପୁଝାରି ମୁଖ୍ୟଅତିଥି ଭାବରେ ଯୋଗଦେଇ ରେଡ଼କ୍ରସର ଇତିହାସ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଯୁକ୍ତ ଦୁଇ ଅଧକ୍ଷ ରାଜେଶ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନଙ୍କ ଦାୟିତ୍ୱ ତଥା କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧକ୍ଷ ଡ଼.ବର୍ମା ତାଙ୍କ ବକ୍ତବ୍ୟରେ ଏହି ସଂଗଠନରେ ଯୋଗଦାନ ତଥା ଉତ୍ସର୍ଗୀକୃତ ସେବା ମନୋଭାବର ବିକାଶ ପାଇଁ ନୂତନ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ରୋହିତ କିଶୋର କୁମ୍ଭାର ପରିଚାଳନା କରିଥିଲେ । ଅଧାପିକା ବବିତା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ଅଧାପିକା ଅଧାପକ ଓ କର୍ମଚାରୀ ଯୋଗଦାନ କରିଥିଲେ।

# ଇଟାଭାଟିରେ ବନ୍ଧା ପଡ଼ିଛନ୍ତି ୧୬ ଦାଦନ ଶ୍ରମିକ

ଦେଓଗାଁ,୪।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଜିଲା ଶ୍ରମ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ପରିବାର**



ବନ୍ଧକ ଶ୍ରମିକଙ୍କ ପରିବାର ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

ବଲାଙ୍ଗୀର ଏକ ଦାଦନ ପ୍ରବଣ ଜିଲା ଭାବେ ସାରା ଓଡିଶାରେ ପରିଚିତ । ତେବେ ଅନେକ ଯୋଜନା ପରେ ମଧ୍ୟ ଏହାକୁ ରୋକିବାରେ ସରକାର ବିଫଳ ହେଉଛନ୍ତି । ପୂର୍ବାପେକ୍ଷା ଏବେ ଦାଦନ ଶ୍ରମିକଙ୍କ ପ୍ରତି ନିର୍ଯାତନା ବଢ଼ିବାରେ ଲାଗିଛି । ଏଭଳି ଏକ ଅଭିଯୋଗ ସାମ୍ନାକୁ ଆସିଛି ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବନ୍ଧ ଗାଁରୁ । ଏହି ଗାଁର ୧୬ଜଣ ଦାଦନ ଶ୍ରମିକ ବାହାର ରାଜ୍ୟର ଏକ ଇଟାଭାଟିରେ ବନ୍ଧା ପଡିଛନ୍ତି । ସେମାନଙ୍କୁ ବିନା ପ୍ରାପ୍ୟରେ କାମ କରାଇ ନିର୍ଯାତନା ଦିଆଯାଉଥିବା ଶ୍ରମିକଙ୍କ ପରିବାରର ଚୂଡାମଣି ଚିନ୍ଦା ଓ ଅନ୍ୟ କେତେଜଣ ବୁଧବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଗାଁର ଚୂଡାମଣିଙ୍କ ପରିବାରର ଜୀବର୍ଦ୍ଧନ ଚିନ୍ଦାଙ୍କ ସମେତ ରୋଶନ କୁମୁରିଆ, ସୁରୁବାଲି କୁମୁରିଆ, କୈରୀ ପଟ୍ଟନିଆ, କାଳିଆ ପଟ୍ଟନିଆ, ଝରଣା ନାଏକ, ଚୈତନ ନାଏକ, ଭଗତ କୁମୁରିଆ, ଚୂଲ କୁମୁରିଆ, ନୀଳ କୁମୁରିଆ, କେତକୀ କୁମୁରିଆ, ମନଭୂଲ ତପନ, ତନମନ ମାଝୀ, ସୁବନୀ ମାଝୀ, କଏତ ତପନ ଓ ଜିତେନ ତପନ ଗତ ୪ମାସ ହେଲା ବେଲପଡାର ଜଣେ ଦଲାଲଙ୍କ ପ୍ରରୋଚନାରେ ପଡି ଅଧିକ ରୋଜଗାର ଆଶାରେ ତେଲେଙ୍ଗାନାର ପେଦାପଲ୍ଲି ଜିଲାର ଏକ ଇଟାଭାଟିରେ କାମ କରୁଛନ୍ତି। ଅଦ୍ୟାବଧି ଉକ୍ତ ଇଟାଭାଟିର ମାଲିକ ଖାଇବା ଛଡା କୌଣସି ପାଉଣା ନଦେଇ କାମ କରାଉଥିବା ବେଳେ ବାରଣ କଲେ ମାଡ ମାରୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେଠାକାର ଇଟାଭାଟି ମାଲିକଙ୍କ ଅଭିଯୋଗ ଅନୁସାରେ ବେଲପଡାର ସମ୍ପୃକ୍ତ ଦଲାଲ ଜଣକ କାମ ବାବଦକୁ ସବୁ ଟଙ୍କା ଅଗ୍ରୀମ ଆକାରରେ ନେଇ ସାରିଛନ୍ତି। ବିଡମ୍ବନାର ବିଷୟ ଯେ, ଉକ୍ତ ଶ୍ରମିକମାନେ ନିଜ ଘରକୁ ଆସିବା ପାଇଁ ଚାହୁଁଥିଲେ ମଧ୍ୟ ଇଟାଭାଟି ମାଲିକ ସେମାନଙ୍କୁ ଛାଡୁନାହିଁ। ଏ ନେଇ ପରିବାରବର୍ଗ ପ୍ରଥମେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କୁ ଅଭିଯୋଗ କରିଥିଲେ। ପରେ ମେହେରଙ୍କ ସହ ଶ୍ରମିକ ପରିବାର ସଦସ୍ୟ ଜିଲା ଶ୍ରମ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ବନ୍ଧକ ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ତଥା ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କପା ଚାଷୀଙ୍କ ରାସ୍ତାରୋକୋ


ପାଟଣାଗଡ-ଖପ୍ରାଖୋଲ ମୁଖ୍ୟ ରାସ୍ତାକୁ ଚାଷୀମାନେ ଅବରୋଧ କରିଛନ୍ତି।

ପାଟଣାଗଡ ୪।୧୨(ସଚ୍ଚିଦାନନ୍ଦ ମହାକୁର)

ବୁଧବାର କପା ଚାଷୀମାନେ ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଯୋଗୀମୁଣ୍ଡସ୍ଥିତ ଆରଏମସି ସମ୍ମୁଖରେ ପାଟଣାଗଡ-ଖପ୍ରାଖୋଲ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ପ୍ରକାଶ ଯେ, କେତେଜଣ କପାଚାଷୀ ନିଜ ଜମିରୁ ଅମଳ ହୋଇଥିବା କପାକୁ ଆରଏମସିକୁ ବିକ୍ରି କରିବା ଉଦ୍ଦେଶ୍ୟରେ ନେଇଥିଲେ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମ ମୁତାବକ ଯେଉଁ ଚାଷୀମାନଙ୍କ ନାମରେ ଜମିର ପଟ୍ଟା ରହିଛି ସେହି ଚାଷୀମାନେ ଆରଏସିରେ କପା ବିକ୍ରି କରିପାରିବେ। ଏପରି କି ବାପାଙ୍କ ନାମରେ ଜମିପଟ୍ଟା ଥାଇ ପୁଅ ବାପାଙ୍କ ଅନୁପସ୍ଥିତିରେ ମଧ୍ୟ ଜମିରୁ ଅମଳ ହୋଇଥିବା କପାକୁ ବିକ୍ରି କରିପାରିବ ନାହିଁ। ଏହି ନିୟମ ମୁତାବକ ଚାଷୀମାନେ ଆରଏମସିରେ ଆଜି କପା ବିକ୍ରି କରିପାରି ନ ଥିଲେ। ଏହାକୁ କେନ୍ଦ୍ରକରି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ପରେ ଚାଷୀମାନେ ପାଟଣାଗଡ ଖପ୍ରାଖୋଲ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପାଟଣାଗଡ ପୋଲିସ, ଉପଜିଲାପାଳ ସୁନୀଲ ମେହେର, ସହକାରୀ କୃଷି ଅଧିକାରିଣୀ ରାଜେଶରୀ ଭୋଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିବାରୁ ଦୁଇରୁ ତିନି ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ଓ କୃଷି ଅଧିକାରିଣୀ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଯାଇଥିବା ବେଳେ ନେଇଥିବା କପାକୁ ଘରକୁ ଫେରାଇ ଆଣିଥିଲେ।

## ଯୁବୋଦୟ ବିସିଏ, ବିବିଏ ଛାତ୍ରୀଛାତ୍ରଙ୍କ ସମ୍ବଲପୁର ଆଇଆଇଏମ୍ ଗସ୍ତ


ସମ୍ବଲପୁର ଆଇଆଇଏମ୍‌ରେ ଯୁବୋଦୟ ଛାତ୍ରୀଛାତ୍ର।

ବଲାଙ୍ଗୀର,୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟର ବିସିଏ ଏବଂ ବିବିଏ ଛାତ୍ରୀଛାତ୍ରମାନେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ଗସ୍ତ କରି ନୂଆ ଅନୁଭୂତି ନେଇ ଫେରିଛନ୍ତି। ପ୍ରଥମେ ସେମାନେ ଆଇଆଇଏମ୍ ଛାତ୍ରୀଛାତ୍ରମାନଙ୍କ ସହିତ ସକାଳ ଭୋଜନ କରିଥିଲେ। ସେଠାରେ ସେମାନେ ସେଠାକାର ଭୋଜନ, ଆଚାର ବିଚାର ଶିଖିବାର ସୁଯୋଗ ପାଇଥିଲେ। ପରେ ସେମାନେ ଉନ୍ନତ ଶିକ୍ଷାକ୍ଷେତ୍ରର କ୍ଲାସରୁମ୍, ସେମିନାର ହଲ୍ ଏବଂ ଭବନ ସମୂହ ଦର୍ଶନ କରିଥିଲେ। ଅଡିଟୋରିୟମ୍‌ରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଶିକ୍ଷାଗତ ଆକର୍ଷଣୀୟ ଭିଡ଼ିଓ ପ୍ରସ୍ତୁତି କରାଯାଇଥିଲା। ପରେ ଆଇଆଇଏମ୍ ଲାଇବ୍ରେରିଆନ୍ ଲାଇବ୍ରେରି ପରିଚାଳନା, ବୈଜ୍ଞାନିକ ଏବଂ ଶିଳ୍ପ ତଥ୍ୟ ଉପରେ ଅଧିବେଶନରେ ଶିକ୍ଷାଦାନ କରିଥିଲେ। ଏହାପରେ ଆଇଆଇଏମ୍‌ରେ ଭବିଷ୍ୟ ଓ ପ୍ରବେଶ ଶୀର୍ଷକ ସେମିନାରରେ ପ୍ରଫେସର ଶିଖା ଭରଦ୍ୱାଜ ଏବଂ ସଞ୍ଜୟ ସକ୍ସେନା ଆଲୋଚନା କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ଯୁବୋଦୟ ଛାତ୍ରମାନେ ଆଇଆଇଏମ୍‌ର ଭିନ୍ନ କ୍ଲବର ସଦସ୍ୟ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା, ଖେଳ ଏବଂ ନାଚ ବିଷୟରେ ଅଂଶଗ୍ରହଣ କରିଥିଲେ। ଆଇଆଇଏମ୍‌ର ଅନୁଭବ ଶିକ୍ଷାପ୍ରଦ ଏବଂ ଆନନ୍ଦମୟ ଥିଲା ବୋଲି ଯୁବୋଦୟ ଛାତ୍ରୀଛାତ୍ରମାନେ କହିଛନ୍ତି। ଏହା ଛାତ୍ରୀଛାତ୍ରଙ୍କୁ ଆଗକୁ ବିଶେଷ ସହାୟକ ହେବ ଏବଂ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ପଢ଼ିବାର ଉତ୍ସାହ ସୃଷ୍ଟି କରିବ ବୋଲି କୁହାଯାଇଛି।

## ମାହେଶ୍ୱରୀ ଆଇ.ଟି.ଆଇର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଟିଟିଲାଗଡ,୪।୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ମାହେଶ୍ୱରୀ ଆଇ.ଟି.ଆଇର ୧୪ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ୧୦୦ ମିଟର,୨୦୦ ମିଟର, ୪୦୦ ମିଟର ରନ, ଫୁଟବଲ, କ୍ରିକେଟ,ବ୍ୟାଡ୍‌ମିଟନ, ଖୋକୋ, କବାଡି, ସଟପୁଟ, ଲମ୍ଫଡିଆଁ, ଉଚ୍ଚଡିଆଁ, ସ୍ଲୋ ସାଇକେଲିଂ ଆଦି ଖେଳ ପ୍ରତିଯୋଗିତା ହୋଇଥିଲା। ଇଂ ଦେବବ୍ରତ ଛତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ଇଂ. ପ୍ରଦୀପ୍ତ କୁମାର ମିଶ୍ର ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟଅତିଥି ଭାବରେ ସରକାରୀ ଗନ୍ଧମାର୍ଦ୍ଦନ ଆଇ.ଟି.ଆଇର ପ୍ରଶିକ୍ଷଣ ଅଧିକାରୀ ଅଶୋକ କୁମାର ପାତ୍ର, ପ୍ରଶିକ୍ଷକ ହରେକୃଷ୍ଣ ଥାଟି, ମାହେଶ୍ୱରୀ ଜିଏନଏମ ନର୍ସିଂ କଲେଜ ପ୍ରିନସିପାଲ ରିଙ୍କୁ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷଣ ଅଧିକାରୀ ମଧୁସୂଦନ ପ୍ରଧାନୀ, ସୌମ୍ୟ ରଞ୍ଜନ ସାହୁ, ଗୋବିନ୍ଦ ସାହୁ, ପ୍ରୀତମ ନାଗ, ଅନୁପ ଭୋଇ,ଝିଲି ନାଗଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଷ ପିଇ ସ୍କୁଲ ପାଚିକାଙ୍କ ମୃତ୍ୟୁ

ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)

ବୁଧବାର ଅପରାହ୍ନରେ ବଲାଙ୍ଗୀର ଜିଲା ଆଗଲପୁର ଥାନା ହଳଦିପଦର ଗ୍ରାମର ଗୀତା ପୋଡ଼ଙ୍କ ବଲାଙ୍ଗୀର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଗୀତା କୌଣସି କାରଣକୁ ନେଇ ଘରେ କେହି ନ ଥିବା ବେଳେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଆସି ଏହା ଜାଣିବା ପରେ ତାଙ୍କୁ ପ୍ରଥମେ ଆଗଲପୁର ଡାକ୍ତରଖାନା ନେଇଥିଲେ। ପରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗୀର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୀତା ଗାଁ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଚିକା ଭାବେ କାମ କରୁଥିଲେ।

## ବୁର୍ଡା ପ୍ୟାକ୍ସରେ ଧାନକ୍ରୟ ଶୁଭାରମ୍ଭ


ବୁର୍ଡା ପ୍ୟାକ୍ସରେ ଧାନ କ୍ରୟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ୟାକ୍ସରେ ବୁଧବାର ଧାନକିଣା ଶୁଭାରମ୍ଭ କରାଯାଇଛି। ପ୍ୟାକ୍ସ ପରିଚାଳନା ବୋର୍ଡ ସଭାପତି ବାଳଗୋପାଳ ସାହୁ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ୟାକ୍ସ ସମ୍ପାଦକ ଘନଶ୍ୟାମ ପୁଟା, ବୋର୍ଡ ସଭ୍ୟ ଏବଂ ଚାଷୀମାନେ ଉପସ୍ଥିତ ଥିଲେ। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ୟାକ୍ସରେ ୫୪୯ ଜଣ ଚାଷୀ ଧାନ ବିକ୍ରି ସକାଶେ ପଞ୍ଜୀକୃତ ହୋଇଛନ୍ତି । ହେଲେ ଧାନକ୍ରୟ ପାଇଁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିବା ବେଳେ ଜଣେ ବି ଚାଷୀଙ୍କ ଠାରୁ ଧାନକ୍ରୟ କରାଯାଇନାହିଁ । ପ୍ୟାକ୍ସ ସମ୍ପାଦକ ପୁଟା ଧାନର ଏମଏସପି ବୃଦ୍ଧି ଏବଂ ଚଳିତ ବର୍ଷର ଧାନକ୍ରୟ ନୀତି ନିୟମ ସମ୍ପର୍କରେ ଚାଷୀଙ୍କୁ କହିଥିଲେ। ପଲିଥିନ ପ୍ୟାକେଟ ବଦଳରେ ଅଖାବସ୍ତାରେ ଧାନ କ୍ରୟ କରାଯିବାକୁ ନିଷ୍ପତ୍ତି ହୋଇଛି। ହେଲେ ମିଲର୍ସ ଓ ଯୋଗାଣ ବିଭାଗ ପକ୍ଷରୁ ପ୍ୟାକ୍ସକୁ ଅଖା ବସ୍ତା ଯୋଗାଣ କରି ନ ଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ଏଠାରେ ରାଜସ୍ୱ ନିରୀକ୍ଷକ ଆର୍ଜୁ ପଟେଲ ଉପସ୍ଥିତ ରହି ଚାଷୀ ଏବଂ ପ୍ୟାକ୍ସ କର୍ତ୍ତୃପକ୍ଷ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶଥାଉ କି, ଲୋଇସିଂହା ବ୍ଲକର ୧୩ ପ୍ୟାକ୍ସରେ ଧାନ ବିକ୍ରି ସକାଶେ ୬ହଜାର ୨୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସରଗାଡରେ ୬୬୪, ଯୋଗୀସର୍ଡାରେ୧୧୪, କନ୍ଧାଜୁରୀରେ ୬୭୧, ଲୋଇସିଂହାରେ ୪୪୬, କୁଶମେଲରେ ୬୭୫, ବୁର୍ଡାରେ ୫୪୯, ଗଡଶଙ୍କର ଡୁଙ୍ଗରିପାଲିରେ ୩୧୫, କୁଶଙ୍ଗରେ ୮୬୩, ରେଙ୍ଗାଲିରେ ୨୭୨, ବାଦିମୁଣ୍ଡାରେ ୬୮୯ ଚାଷୀ ପଞ୍ଜୀକୃତ ହୋଇଛନ୍ତି।

## ଆନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଅଭିଯାନର ଶୁଭାରମ୍ଭ

ବଲାଙ୍ଗୀର,୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)



ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ୧୬ ଦିନିଆ ଆନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଅଭିଯାନ। ଏହି ଉପଲକ୍ଷେ ଜିଲା ପ୍ରଶାସନ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ଠାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡାଲସା ସଚିବ ପବିତ୍ରାନନ୍ଦ ପ୍ରଧାନ, ଜାତୀୟ ମାନବାଧିକାର କମିଶନ ଡିଏସପି, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଡେପୁଟି କଲେକ୍ଟର (ଜୁଡିସିଆଲ) ସୋନାଲି ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧା ବାର୍ଲା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଏବଂ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡ. ଅରବିନ୍ଦ ଓଝା ଯୋଗ ଦେଇଥିଲେ। ସଭାରେ ମହିଳା ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଘରୋଇ ହିଂସା, ଶିଶୁ ବିବାହ ପରି କୁପ୍ରଥା ଦ୍ୱାରା ସମାଜ କିପରି ମହିଳାଙ୍କ ଉପରେ ଅତ୍ୟାଚାର କରୁଛି ଏବଂ ଏହାର ମୁକାବିଲା ନେଇ ଆଲୋଚନା ହୋଇଥିଲା। ଜିଲା ଶିକ୍ଷାଧିକାରୀ ବେହେରା ଶିକ୍ଷା ଦ୍ୱାରା ହିଂସା ମୂଳୋତ୍ପାଟନ ହେଇପାରିବ ବୋଲି କହିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ଡ. ସେଠୀ ସାମାଜିକ ଗଣମାଧ୍ୟମକୁ ଏହି ଅଭିଯାନର ପ୍ରମୁଖ ସାରଥି କରିବାକୁ କହିଥିଲେ। ସନ୍ଧ୍ୟାରାଣୀ ପତି ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଜନ ଦିବସ ପାଳିତ

ଟିଟିଲାଗଡ଼,୪।୧୨(ସନ୍ତୋଷ ପଟ୍ଟନାୟକ)

ତାଲୁକ ଆଇନ ସେବା ସମିତି, ଟିଟିଲାଗଡ଼ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏସସିଡ଼ି ଭିନ୍ନକ୍ଷମ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଜନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଦିବ୍ୟାଙ୍ଗ ଜନଙ୍କ କଲ୍ୟାଣ ପାଇଁ ସମ୍ବିଧାନରେ ରହିଥିବା ବିଭିନ୍ନ ବ୍ୟବସ୍ଥା, ଆଇନ ସହାୟତା ନେଇ ସୂଚନା ଦେଇଥିଲେ । ସବଜଜ୍ କୃଷ୍ଣଚନ୍ଦ୍ର ନାୟକ, ଏସଡ଼ିଜେଏମ ସୁମିତ କୁମାର ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ସମିତି ଫ୍ରଣ୍ଟ ଅଫିସ ରିଟେନର ଟିକେରାମ ସାହୁ, ପେନାଲ ଲୟର ସନ୍ଧ୍ୟା ଥାପା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଶିଶୁ ଗୀତ ଗାଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ବିଚାରପତିଗଣ ବିମୋହିତ ହୋଇଥିଲେ। ସମିତି କିରାଣି ଜୀବର୍ଦ୍ଧନ ଛତ୍ରିଆ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମସେନ ହରପାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ବିଚାରପତିଙ୍କ ସହିତ ସଭ୍ୟାସଭ୍ୟ।

## 'ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ସୁରକ୍ଷା ଦିଅ'

ବଲାଙ୍ଗୀର,୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସାଧାରଣ ସଭାରେ ସନାତନ ହିନ୍ଦୁ ଜାଗୃତି ମଞ୍ଚର ସଦସ୍ୟ ।

**ସନାତନ ହିନ୍ଦୁ ଜାଗୃତି ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର**

ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଅକଥନୀୟ ଅତ୍ୟାଚାରର ପ୍ରତିବାଦ ଏବଂ ସେମାନଙ୍କ ସୁରକ୍ଷା ଦାବି ନେଇ ସନାତନ ହିନ୍ଦୁ ଜାଗୃତି ମଞ୍ଚ ପକ୍ଷରୁ ବୁଧବାର ବଲାଙ୍ଗୀରରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। କୋଶଳ କଳାମଣ୍ଡଳ ପଡିଆରୁ ଏହି ଶୋଭାଯାତ୍ରା ବାହାରି ଥିବା ବେଳେ ଏଥିରେ ଶତାଧିକ ହିନ୍ଦୁ ସଂଗଠନର ପ୍ରତିନିଧି ସାମିଲ ଥିଲେ ।

ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସଭାରେ ବକ୍ତା ଭାବେ ସାମାଜିକ କାର୍ଯ୍ୟକର୍ତ୍ତା ଯତୀନ୍ଦ୍ର ମୋହନ ପାଠୀ, ଦତ୍ତାନନ୍ଦ ପଣ୍ଡା, ସରସ୍ୱତୀ ନନ୍ଦ, ଘନଶ୍ୟାମ ପଧାନ, ସଙ୍ଗଠନକ ଗୋପାଳଜୀ ପାଣିଗ୍ରାହୀ, ବ୍ରାହ୍ମଣ ସମାଜ ସଭାପତି ଧନଞ୍ଜୟ ମିଶ୍ର, ଭାରତ ବିକାଶ ପରିଷଦ ସଭାପତି ସୁଦର୍ଶନ ଦାସ, ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ମିଶ୍ର, ପବିତ୍ର କୁମାର ଦାସ, ଦାମୋଦର ନାଏକ ଏବଂ ବାଳଗୋପାଳ ସାହୁ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସହ ସଂଯୋଜକ ଦିଲୀପ ମିଶ୍ର ପରିଚାଳନା କରିଥିଲେ। ବକ୍ତାମାନେ ବାଲାଂଦେଶରେ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାରକୁ କଡା ଭାଷାରେ ସମାଲୋଚନା କରିଥିଲେ। ଏହି ଅତ୍ୟାଚାର ତୁରନ୍ତ ବନ୍ଦ କରା ନ ଗଲେ ଭାରତ ପକ୍ଷରୁ ଉଚିତ୍ ଜବାବ ଦେବାକୁ ହେବ ବୋଲି ବକ୍ତାମାନେ କହିଥିଲେ। ସଭା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ବାଂଲାଦେଶରେ ହିନ୍ଦୁ ସମାଜ ଉପରେ ହେଉଥିବା ଅକଥନୀୟ ନିର୍ଯାତନା, ପ୍ରତାରଣାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ସେଠାରେ ହିନ୍ଦୁ ମନ୍ଦିର ଭଙ୍ଗା ଯାଉଛି ଓ ହିନ୍ଦୁମାନଙ୍କ ଧର୍ମଭାବନାକୁ ଆଘାତ କରାଯାଉଛି। ହିନ୍ଦୁମାନଙ୍କ ଦୋକାନ ଲୁଟ କରାଯିବା ସହ ବନ୍ଦ କରାଯାଉଛି। ସରକାରୀ ପଦପଦବୀ ଛାଡିବାକୁ ବାଧ କରାଯାଉଛି। ହିନ୍ଦୁମାନଙ୍କ ସମ୍ପତ୍ତି ଜୋର ଜବରଦସ୍ତ କବ୍‌ଜା କରାଯାଉଛି। ଏ ଦିଗରେ ଭାରତ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

## ସଂକ୍ଷେପରେ

### ରାଉରକେଲା ରେଲୱେ ଷ୍ଟେଶନରୁ ବିପୁଳ ରୁପା ଜବତ
**ଜିଏସଟିଙ୍କୁ ହସ୍ତାନ୍ତର**

ରାଉରକେଲା,୪।୧୨(ସଙ୍ଗୀତା ଜେନା): ରାଉରକେଲା ରେଳ ଷ୍ଟେଶନ ପରିସରରୁ ଯାଞ୍ଚ ସମୟରେ ବିପୁଳ ପରିମାଣର ରୁପା ଜବତ ହୋଇ ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟକୁ ହସ୍ତାନ୍ତର କରାଯାଇଛି। ଏଥିସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବ୍ୟକ୍ତି ଜଣଙ୍କ ତାଙ୍କ ଲଗେଜ ବ୍ୟାଗରେ ପ୍ରାୟ ୫୮ କେଜି ରୂପା ଧରି ରାଞ୍ଚି ଯିବା ପାଇଁ ଷ୍ଟେଶନରେ ଅପେକ୍ଷା କରିଥିଲେ। ରାଉରକେଲା ଜିଆର୍‌ପି ପକ୍ଷରୁ ଯାଞ୍ଚ ସମୟରେ ଏ ସମ୍ପର୍କରେ ଜଣା ପଡିଥିଲା।

### ସେନ୍ଦରିଟାଙ୍ଗର ଗାଁରୁ ୩ ବାଇକ୍ ଜବତ

ବଡଗାଁ,୪।୧୨(ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ଥାନା ପୋଲିସ ମଙ୍ଗଳବାର ସେନ୍ଦରିଟାଙ୍ଗର ଗ୍ରାମରୁ ୩ଟି ବାଇକ ଜବତ କରିଛି। ସୂଚନା ଅନୁଯାୟୀ, ସେନ୍ଦରିଟାଙ୍ଗର ଗ୍ରାମକୁ ଆସିଥିବା କେତେକ ଯୁବକଙ୍କୁ ପୋଲିସ ବାଇକ କାଗଜପତ୍ର ଦେଖାଇବାକୁ କହିବାରୁ ସେମାନେ ଦେଖାଇବାକୁ ଅସମର୍ଥ ହୋଇଥିଲେ।ପୋଲିସ ୩ଟି ବାଇକ ଜବତ କରିଛି। ଏହା ଚୋରି ବାଇକ ହୋଇଥିବା ପୋଲିସ ସନ୍ଦେହ କରୁଛି। ଏହି ବିଷୟରେ ବଡ଼ଗାଁ ଥାନା ଆଇଆଇସି ଅଶିଷ କୁମାର ଜେନାଙ୍କୁ ପଚାରିବାରୁ, ଅନ୍ୟ ଥାନାର ସୂଚନା ଅନୁଯାୟୀ ଏହି ବାଇକ ଜବତ କରାଯାଇଛି।

# ମତ୍ସ୍ୟ, ପଶୁସମ୍ପଦ ପାଳନ ଦ୍ୱାରା ଚାଷୀ ସ୍ୱାବଲମ୍ବୀ ହେବେ

ସୁନ୍ଦରଗଡ଼,୪।୧୨(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ମାଦ୍ରିକାଲୋ ଭବନ ପରିସରରେ ବୁଧବାର ଜିଲା ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ଜିଲା ସ୍ତରୀୟ "ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା" ଉଦ୍‌ଘାଟିତ ହୋଇଯାଇଛି। ମତ୍ସ୍ୟ ତଥା ପଶୁ ସମ୍ପଦ ବିଭାଗ ପକ୍ଷରୁ ଜନ ସାଧାରଣଙ୍କ ପାଇଁ ପ୍ରଯୁଜ୍ୟ ଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ପ୍ରତ୍ୟେକ କ୍ଷେତ୍ରରେ ପହଞ୍ଚାଇବା ତଥା ଏହି ଯୋଜନା ଗୁଡିକ ଦ୍ୱାରା ହିତାଧିକାରୀମାନେ ଲାଭବାନ ହେବା ସହିତ ସେମାନଙ୍କ ଜୀବନଧାରଣର ମାନଦଣ୍ଡରେ ଉନ୍ନତି ଆଣିବା ହେଉଛି ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି ମେଳା ୨ ଦିନ ଧରି ଚାଲିବ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଉମାକାନ୍ତ ସାହୁ ଏବଂ ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ମତ୍ସ୍ୟ ଓ ପଶୁପାଳନ ସହିତ ଜଡ଼ିତ ଥିବା ଚାଷୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ମହାଜନ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**୨ ଦିନିଆ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ଯୋଜନା ଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମତ୍ସ୍ୟ ଓ ପଶୁସମ୍ପଦ ପାଳନ ଦ୍ୱାରା ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିଭଳି ବାୟୋଫ୍ଲକ ମାଧ୍ୟମରେ ମାଛ ଚାଷ, ମାଛ ଚାଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା, ଜିଲାକୁ ମତ୍ସ୍ୟ ଓ ପଶୁସମ୍ପଦ କ୍ଷେତ୍ରରେ ଅଗ୍ରଣୀ କରିବା ଦିଗରେ ଉତ୍ସାହିତ କରିବା ସହିତ ମାଛ ଯାଆଁଳ, ମତ୍ସ୍ୟ ଉତ୍ପାଦନ ଦ୍ୱାରା ପରିବାରର ଆର୍ଥିକ ଉନ୍ନତି ଆଣିବାରେ ସହାୟକ ହୋଇପାରିବେ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପରେ ବୈଜ୍ଞାନିକ ଓ ଚାଷୀ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବସନ୍ତ କୁମାର ଧଳ ଏବଂ ନୂଆଗାଁ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ ଶେଖର ବେହେରା ଉପସ୍ଥିତ ରହି ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଏବଂ ଚାଷର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ କୁଆଁରମୁଣ୍ଡା ବ୍ଲକର ମଲ୍ଲିକା ସ୍ୱୟଂ ସହାୟକ ଗୋଷ୍ଠୀ, ଲେଫ୍ରିପଡ଼ା ବ୍ଲକର ଦୀପିକା ପଟେଲ, ଟାଙ୍ଗରପାଲି ବ୍ଲକର ସବିତା ପଟେଲ, ବାଲିଶଙ୍କରା ବ୍ଲକର ପ୍ରଦୀପ ଏକ୍କାଙ୍କୁ ଶ୍ରେଷ୍ଠ ଚାଷୀଭାବେ ପୁରସ୍କୃତ କରାଯାଇଥିଲା। ସେହିଭଳି ପ୍ରାଣୀ ସମ୍ପଦ ବିଭାଗ ତରଫରୁ ସବଡେଗା ବ୍ଲକର ପଲ୍ଲବୀ ସ୍ୱୟଂ ସହାୟକ ଗୋଷ୍ଠୀ, କୁତ୍ରା ବ୍ଲକର ଶଙ୍କର ଟପ୍ପ, ଲେଫ୍ରିପଡା ବ୍ଲକର ତରଣିସେନ ପଟେଲ, ଲହୁଣୀପଡ଼ା ବ୍ଲକର ପୂର୍ଣ୍ଣଚନ୍ଦ୍ର ମହନ୍ତଙ୍କୁ ଶ୍ରେଷ୍ଠ ଚାଷୀଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ଅତିଥିମାନେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ। ଏଥିରେ ୩୫ଟି ଷ୍ଟଲ କରାଯାଇଛି। ସେଥି ମଧ୍ୟରୁ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ, କେଜ କଲଚର ମାଧ୍ୟମରେ ମାଛ ଚାଷ, ସମନ୍ୱିତ କୃଷି, ଗୋ ପାଳନ, ଛେଳି ପାଳନ, ବତକ ପାଳନ, କୁକୁଡ଼ା ପାଳନ ଆଦି ରହିଛି। ପରେ ବିଭିନ୍ନ କଳାକାରଙ୍କ ଦ୍ୱାରା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ ଥିବା ଯୋଜନା ଗୁଡିକ ଉପରେ ଜନସଚେତନତା ଧର୍ମି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କ୍ଷତିପୂରଣ ପାଇଁ ବ୍ୟବଚ୍ଛେଦ ପରେ ମୃତଦେହ ରଖି ଧାରଣା

**ହଷ୍ଟେଲରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା**

କୁଆଁରମୁଣ୍ଡା,୪।୧୨(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ମୁକେଶ ମିଞ୍ଜଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଅପରାହ୍ନରେ ହଷ୍ଟେଲ ଭିତରୁ ଉଦ୍ଧାର ହୋଇଥିଲା। ଏହି ଘଟଣାକୁ ନେଇ ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ମଙ୍ଗଳବାର ମୃତକଙ୍କ ପରିବାରକୁ ପ୍ରଶାସନିକ ଅଧିକାରୀମାନେ ବହୁ ବୁଝାସୁଝା କଲାପରେ ବିଳମ୍ବିତ ରାତିରେ ସେମାନେ ମୃତଦେହକୁ ଛାଡିଥିଲେ। ବୁଧବାର ସକାଳୁ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ହୋଇ କୁଆଁରମୁଣ୍ଡା ଭାଲୁଡୁମେରକୁ ଅଣାଯାଉଥିଲା। ମାତ୍ର ସ୍ଥାନୀୟ ଲୋକେ ମୃତଦେହକୁ ଘରକୁ ନ ନେଇ ବିଦ୍ୟାଳୟ ପରିସରକୁ ଜୋରଜବରଦସ୍ତି ନେଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଧାରଣା ଦେଇଥିଲେ। ପ୍ରାୟ ୬ ଘଣ୍ଟା ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଶେଷରେ ପ୍ରଶାସନିକ ଅଧିକାରୀମାନଙ୍କ ପ୍ରତିଶ୍ରୁତିରେ ରାଜି ହୋଇ ଅପରାହ୍ନ ୫ଟାରେ ମୃତଦେହ ଉଠାଇଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୫ ହଜାର ଓ ସ୍କୁଲ ପକ୍ଷରୁ ୩୦ ହଜାର ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ପ୍ରଦାନ କରାଯାଇଛି ବୋଲି ଡିଡବ୍ଲ୍ୟୁଓ ପବିତ୍ର ମୋହନ ପ୍ରଧାନ କହିଛନ୍ତି। ପ୍ରଶାସନ ପକ୍ଷରୁ ଡିଡବ୍ଲ୍ୟୁଓ ଅମୂଲ୍ୟ ପ୍ରଧାନ,ପାନପୋଷ ଉପଜିଲାପାଳ ବିଜୟ ନାୟକ, ପିଏ ଆଇଟିଡିଏ, ପାନପୋଷ ପରମାନନ୍ଦ ପୃଷ୍ଟି, କୁଆଁରମୁଣ୍ଡା ଡବ୍ଲ୍ୟୁଓ ମନୋଜ ଶତପଥୀ, ବୀରମିତ୍ରପୁର ଏସଡିପିଓ ସୁଶାନ୍ତ ଦାସ ଓ ପୋଲିସ ଟିମ୍,ସ୍ଥାନୀୟ ସରପଞ୍ଚ ରାଜେଶ ହାସଦା, ଜିଲାପରିଷଦ ରାଜେନ୍ଦ୍ର କୁଜୁର, ଯୁବନେତା ରାଜେଶ କେରକେଟା,ରାଜେଶ ଖାଲଖୋଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ରହି ଘଟଣାର ସମାଧାନ କରିଥିଲେ। ଏହି କ୍ରମରେ ଡିଡବ୍ଲ୍ୟୁଓ ପବିତ୍ର ମୋହନ ଦାସଙ୍କୁ ପଚାରିବାରୁ, ଆଗାମୀ ଦିନରେ ଏହି ବିଦ୍ୟାଳୟର ସୁରକ୍ଷା,ଶୃଙ୍ଖଳା ଓ ସ୍ୱଚ୍ଛତା ଉପରେ ବିଶେଷ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଡାଲମିଆ ସିମେଣ୍ଟକୁ ଏନଓସି ଦେବାପାଇଁ ଶ୍ରମିକ ସଙ୍ଗଠନର ଦାବିପତ୍ର

ରାଜଗାଙ୍ଗପୁର,୪।୧୨(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଣ୍ଟର କନଭେୟର ବେଲ୍ଟ ଗତ ୨୬ ତାରିଖରେ ଭୁଷୁଡି ପଡିଥିଲା। ଏଥିରେ କୌଣସି ଧନଜୀବନ ନଷ୍ଟ ହୋଇ ନ ଥିଲା। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ପୌରପାଳିକା ୨୦୦୬ ମସିହାରେ ଡାଲମିଆ ସିମେଣ୍ଟକୁ ଦେଇଥିବା ଏନଓସିକୁ ୨୯/୧୧/୨୪ରେ ରଦ୍ଦ କରିଦେଇଥିଲା। ଫଳରେ ଡାଲମିଆ ସିମେଣ୍ଟ ପୁର୍ନବାର କନଭେୟର ବେଲ୍ଟ ବସାଇବା ପାଇଁ ଅକ୍ଷମ ହୋଇପଡିଛି ଓ କମ୍ପାନୀର କାମ ମଧ୍ୟ ପ୍ରଭାବିତ ହୋଇଛି। ବୁଧବାର ଗାଙ୍ଗପୁର ଶ୍ରମିକ ସଙ୍ଗଠନର ସମ୍ପାଦକ ବିମଲ ବେହେରାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଏକ ରାଲି କରି ରାଜଗାଙ୍ଗପୁର ପୌରପରିଷଦରେ ପହଞ୍ଚି ରାଜଗାଙ୍ଗପୁର ଏକଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୌରପରିଷଦ ରଦ୍ଦ କରିଥିବା ଏନଓସିକୁ ଖଣ୍ଡନ କରାଯାଉ ଓ ଡାଲମିଆ ସିମେଣ୍ଟକୁ ଏନଓସି ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଯଦି କମ୍ପାନୀର ଏହି ପ୍ରକଳ୍ପ ବନ୍ଦ ହୁଏ ତେବେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଶ୍ରମିକ ପ୍ରଭାବିତ ହେବେ ଏବଂ ଏଥିସହ ରାଜଗାଙ୍ଗପୁରରେ ଅର୍ଥନୈତିକ ପ୍ରଭାବ ପଡିବ। ତେଣୁ ରଦ୍ଦ କରିଥିବା ଏନଓସି ଉପରେ ପୁର୍ନବିଚାର କରି ଏହାକୁ ଖଣ୍ଡନ କରାଯାଉ ବୋଲି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହିତ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନଙ୍କୁ ମଧ୍ୟ ଏକ ଦାବିପତ୍ର ଦେଇଛନ୍ତି।



ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ଏଡ୍‌ସ ଦିବସ ସପ୍ତାହରେ ସଚେତନତା ଶୋଭାଯାତ୍ରା



ସେକ୍ଟର-୨୧ରେ ଶୋଭାଯାତ୍ରା କରାଯାଉଛି।

ରାଉରକେଲା,୪।୧୨(ସଙ୍ଗୀତା ଜେନା)

ବିଶ୍ୱ ଏଡ୍‌ସ ଦିବସ ସପ୍ତାହ ଅବସରରେ ବୁଧବାର ସେକ୍ଟର-୨୧ ଉତ୍କଳମଣି ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାରେ ଅଧ୍ୟକ୍ଷ ଡା. ଶୁଭାଷିଶ ସେଠୀ, ଅଧ୍ୟାପକ ପ୍ରଫେସର ଅନୀଲ ମିଶ୍ର, ଡା. ଅଜୟ କୁମାର, ଡା ମହମ୍ମଦ ଅବଦୁଲ କରିସ, ଡା. ଅଶ୍ୱିନୀ ସାହୁ, ଡା. ଶୋଭନ୍ ସେଠୀ, ଡା.ଶୁଭ୍ରାଂଶୁପ୍ରଭା ମିଶ୍ର, ଡା. ସଞ୍ଚିତା ପାତ୍ର, ଡା. ସୁନୀତା ମହାରଣା, ଡା. ସୁନିତା ସେଠ୍, ଡା. ସୁଧାଂଶୁ ପାଣି, ଡା. ସତ୍ୟନାରାୟଣ, ପ୍ରମୋଦ ନାୟକ, ଛାତ୍ର ମଙ୍ଗଳ ସମିତି ମୁଖ୍ୟ ଡାକ୍ତରୀ ଛାତ୍ର ସନ୍ତୋଷ ସାହୁ, ସାମାଜିକ ସେବା ସମ୍ପାଦକ ଡାକ୍ତରୀ ଛାତ୍ର ତରୁଣ ପଣ୍ଡା, ଉପସାମାଜିକ ସେବା ସମ୍ପାଦିକା ଡାକ୍ତରୀ ଛାତ୍ରୀ ସୌମ୍ୟା ସମାପିକା ସାହୁ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉକ୍ତ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ନୟାବଜାର ଓ ଆଖାପାଖ ଅଞ୍ଚଳରେ ଏହି ଶୋଭାଯାତ୍ରା ପରିକ୍ରମା କରିଥିଲା। ପ୍ଲାକାର୍ଡ ପ୍ରଦର୍ଶନ ଓ ସ୍ଲୋଗାନ ଜରିଆରେ ସ୍ଥାନୀୟ ଲୋକଙ୍କୁ ଅଂଶଗ୍ରହଣକାରୀମାନେ ସଚେତନ କରାଇଥିଲେ।

# ଆର୍‌ଏସ୍‌ପି ସିସିଡି ବିଭାଗରେ ମକଡ୍ରିଲ

ରାଉରକେଲା,୪।୧୨(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ଇସ୍ପାତ କାରଖାନାର କୋଲ କେମିକାଲ ବିଭାଗ ଦ୍ୱାରା ଜାତୀୟ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ଉପଲକ୍ଷେ କାର୍ବନ ମନୋକସାଇଡ ବିଶାକ୍ତ ଗ୍ୟାସ ଲିକେଜ ଉପରେ ଏକ ମକଡ୍ରିଲ ଆୟୋଜିତ ହୋଇଯାଇଛି। କୋଲ କେମିକାଲ ବିଭାଗର ନୂତନ ସିସିଡି ଫାଇନାଲ ଗ୍ୟାସ କୁଲର ଅଞ୍ଚଳରେ ବିପଦଜନକ ରାସାୟନିକ କ୍ଷରଣରୁ ଉତ୍ପନ୍ନ ଯେକୌଣସି ସମ୍ଭାବ୍ୟ ଘଟଣାର ସମ୍ମୁଖିନ ହେବା ପାଇଁ ଜରୁରୀ କାଳୀନ ପ୍ରସ୍ତୁତିକୁ ନେଇ ସଦୃଢ କରିବା ଏହି ମକ ଡ୍ରିଲ ଆୟୋଜନର ଲକ୍ଷ୍ୟ ରହିଥିଲା। ବୈଧାନିକ ଆବଶ୍ୟକତାର ଅଂଶ ସ୍ୱରୁପ ଆରଏସପିର ଅନସାଇଟ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ ଏବଂ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ଆକଳନ କରିବା ପାଇଁ ଏହି ଅଭ୍ୟାସ କରାଯାଇଥିଲା। ସମସ୍ତ ଗୋଷ୍ଠୀକୁ ୩ଟି ଦଳ ଯଥା କମ୍ବାଟ ଦଳ, ଉଦ୍ଧାରକାରୀ ଦଳ ଓ ଆନୁଷାଙ୍ଗିକ ଦଳରେ ବିଭକ୍ତ କରାଯାଇଥିଲା। ସମସ୍ତ ଦଳ ଉତ୍ତମ ପ୍ରଦର୍ଶନ କରିଥିଲେ। ୧୮ମିନିଟ ମଧ୍ୟରେ ସମ୍ପୂର୍ଣ୍ଣ ଅଭ୍ୟାସ ନିରଙ୍କୁଶ ସହକାରେ ସମ୍ପାଦନ କରିଥିଲେ। ସିସିଡି ବିଭାଗର ଜିଏମବି ନାୟକ ସାଇଟ ଇନସିଡେଣ୍ଟ କଂଟ୍ରୋଲ ଭୂମିକା ଗ୍ରହଣ କରିଥିଲେ। ଏହି ମକଡ୍ରିଲରେ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା, ଇଏମଡି ବିଭାଗର ଜିଏମ କଲ୍ୟାଣ ବାର୍ଲା ଏବଂ ସିସିଡି.ଏଚଆର ଏବଂ ସୁରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ମକଡ୍ରିଲ ଅଧିବେଶନ ଶେଷରେ ବରିଷ୍ଠ ଅଧିକାରୀମାନେ ଏହାର ସମୀକ୍ଷା କରିବା ସହିତ ମକଡ୍ରିଲ ଉପସ୍ଥାପନା କୌଶଳତାକୁ ପ୍ରଶଂସା କରି କେତେକ କ୍ଷେତ୍ରରେ ଅଧିକ ଉନ୍ନତୀ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ସିସିଡି ବିଭାଗର ଏଜିଏମ ତଥା ଡିଏସଓ ଏମ.କେ ପାଣିଗ୍ରାହୀ ମକଡ୍ରିଲ ଅଭ୍ୟାସ ଗତ ସୁରକ୍ଷା ବିଷୟକୁ ପରିଚାଳନା କରିଥିବା ବେଳେ ଅଗ୍ନିଶମ ବିଭାଗ ସିଜିଏମ ଆଶା କାର୍ଥା ଏବଂ ସିସିଡି ବିଭାଗର ଜିଏମ ବି.ନାୟକ ମାର୍ଗଦର୍ଶନରେ ମକଡ୍ରିଲ ପରିଚାଳିତ ହୋଇଥିଲା। ସିସିଡି ବିଭାଗୀୟ ସାମୂହିକ ଏବଂ ସମସ୍ତ ସଂମ୍ପୃକ୍ତ ବିଭାଗ ଉତ୍ସାହ ସହକାରେ ଏଥିରେ ଅଂଶଗ୍ରହଣ କରିଥିଲେ। ମକଡ୍ରିଲ କାର୍ଯ୍ୟକ୍ରମକୁ ଏମ.କେ ପାଣିଗ୍ରାହୀ ସଂଯୋଜନା କରିଥିଲେ।

# ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ଦାବିରେ ବିକ୍ଷୋଭ

**ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଏକ ବିରାଟ ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନୁଷ୍ଠିତ ହୋଇଥିଲା। ହିନ୍ଦୁ ସୁରକ୍ଷା ସମିତି ତରଫରୁ ଏକ ବିରାଟ ରାଲି ମେଡିକାଲ



ଛକରୁ ବାହାରି ଜିଲାପାଳଙ୍କ ଅଫିସ ଯାଏଁ ଚାଲିଥିଲା। ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ଏକଜୁଟ ହୋଇ ଏହି ସମୟରେ ବାଂଲାଦେଶର ହିନ୍ଦୁଙ୍କୁ ସୁରକ୍ଷା ପାଇଁ ଦାବି କରିବା ଆବଶ୍ୟକ ବୋଲି ସଙ୍ଗଠନର ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ହଜାରେରୁ ଉର୍ଦ୍ଧ୍ୱ ସୁନ୍ଦରଗଡ଼ ତଥା ବିଭିନ୍ନ ବ୍ଲକର ଲୋକ ଯୋଗ ଦେଇଥିଲେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକଦାବି ପତ୍ର ଉପଜିଲାପାଳ ଦାଶରଥି ସରାବୁଙ୍କୁ ପ୍ରଦାନ କରାଯାଇଥିଲା।

# ବଡ଼ଗାଁରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ବଡଗାଁ,୪।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଅଞ୍ଚଳର ଭିନ୍ନକ୍ଷମ ପିଲା, ସେମାନଙ୍କ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟାଳୟ ପରିସରରେ ସମବେତ ହେଲାପରେ ବିଭିନ୍ନ ନାରା ଦେଇ ପଦଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ନୃତ୍ୟ, ମ୍ୟୁଜିକ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ଜଗତପାଲ ସିଂ ନିନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ଅତିଥି ଓ ଏବିଓ ଚତୁର୍ଭୁଜ ରାଉଡ଼ିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସିଆରସିସି ଭାରତୀ ନରବିନା, ଦୁର୍ଗା ମାଧବ ବେହେରା, ପ୍ରଦୀପ ସାହୁ, ଶିକ୍ଷକ ସତ୍ୟବ୍ରତ ନାଏକ, ମାନସ ରଞ୍ଜନ ପାଣ୍ଡେ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରିଷ୍ଟାନ୍ ମେଡାଲ ହାସଲ କଲେ ଏନ୍‌ଆଇଟି ପ୍ରଫେସର

ରାଉରକେଲା,୪।୧୨(ସଙ୍ଗୀତା ଜେନା)

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଇଣ୍ଡିଆନ୍ ଜିଓଫିଜିକାଲ ୟୁନିଅନ୍( ଆଇଜିୟୁ)ର ୬୧ତମ ବାର୍ଷିକ ସମ୍ମିଳନୀରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଆସୋସିଏଟ୍ ପ୍ରଫେସର ଭାସ୍କର କୁଣ୍ଡୁ ସମ୍ମାନିତ ଆଇଜିୟୁ କ୍ରିଷ୍ଟାନ୍ ମେଡାଲ ହାସଲ କରିଛନ୍ତି। ଏନ୍‌ଆଇଟି ରାଉରକେଲା ଆର୍ଥ ଆଣ୍ଡ ଆଟ୍‌ମୋସ୍ଫରିକ୍ ସାଇନ୍ସବିଭାଗର ଆସୋସିଏସଟ୍ ପ୍ରଫେସର ହେଉଛନ୍ତି କୁଣ୍ଡୁ। ଚଳିତମାସ ୩-୫ ତାରିଖରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ଡ. ଭି କେ ସାରସ୍ୱତ, ଆଇଜିୟୁର ସଭାପତି ତଥା ଆର୍ଥ ସାଇନ୍ସ ମନ୍ତ୍ରାଳୟର ସମ୍ପାଦକ ଡ. ଭି ରବିଚନ୍ଦ୍ରନ୍ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ର. କୁଣ୍ଡୁ ଭୂକମ୍ପ, ଭୂକମ୍ପ ଭୂଗୋଳ, କ୍ରିଷ୍ଟାଲ୍ ଡାଇନାମିକ୍ସ, ପ୍ଲେଟ ସୀମା ବିକୃତି , ଭୂକମ୍ପ ପ୍ରକ୍ରିୟା, ଜଳବାୟୁ ସମ୍ପର୍କରେ ଅଭିନବ ଅନୁସନ୍ଧାନକୁ ନେଇ ଏହି ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୨୨ରୁ ପ୍ର. କୁଣ୍ଡୁ ସମୁଦ୍ର ତଥା ବାୟୁମଣ୍ଡଳ ବିଜ୍ଞାନରେ ଉଲ୍ଲେଖନୀୟ ଯୋଗଦାନ ଦେଇଆସିଛନ୍ତି।



ପ୍ରଫେସର ଭାସ୍କର କୁଣ୍ଡୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅନ୍ତର୍ଜାତୀୟ ସେମିନାରରେ ପ୍ରଦର୍ଶିତ ହେଲା ଝୁରିମାଲର ସାମୂହିକ ନୂଆଁଖାଇ

ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର ସାମୂହିକ ନୂଆଁଖାଇ ହେଉଛି ସବୁଠୁ ନିଆରା। ନୂଆଁଖାଇ ପରି ଏକ ଗଣପର୍ବକୁ ସାମୂହିକଭାବେ ଗାଁର ପ୍ରତ୍ୟେକ ପରିବାର ଦୀର୍ଘ ୧୨ବର୍ଷ ଧରି ପାଳନ କରିବାର ଅଭିନବ ପରମ୍ପରା ପ୍ରକୃତପକ୍ଷେ ଅଭିନବ ତଥା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ତଥା ଝୁରିମାଲ ସାମୂହିକ ନୂଆଁଖାଇର ମୁଖ୍ୟ ଉଦ୍ୟୋକ୍ତା ଦିଗାମ୍ବର ଉପାଧ୍ୟାୟଙ୍କ ଲିଖିତ ବାସ୍ତବ କାହାଣୀ "ପରମ୍ପରା ରକ୍ଷା ଓ ଏକାତ୍ମତା ପୋଷଣ: ଝୁରିମାଲର ସାମୂହିକ ନୂଆଁଖାଇ: ଓଡିଶାର ହୃଦୟସ୍ଥଳୀରେ ଏକତା, ଐତିହ୍ୟ ଏବଂ ସମ୍ପ୍ରୀତିର ଉତ୍ସବ" ଶୀର୍ଷକକୁ ଏକ ଆନ୍ତର୍ଜାତୀୟ ସେମିନାରରେ ପ୍ରଦର୍ଶିତ କରିବା ପାଇଁ ଚୟନ କରାଯାଇଥିଲା। ବୁଧବାର



ଏହି ଆନ୍ତର୍ଜାତିକ ସେମିନାର କମ୍ୟୁନିଟି କନଫରେନସ ଅଫ କମନ୍ସରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ବାଂଲାଦେଶ, ମାଲେସିଆ, ସ୍ପେନ ପରି ବିଦେଶ ମାଟିରେ ହଜାର ହଜାର ସଂଖ୍ୟାରେ ଲୋକେ ଏକା ସାଙ୍ଗରେ ଦେଖିଥିଲେ ଝୁରିମାଲ ଗ୍ରାମର ଏକତା ଓ ସହଭାଗିତାର ବିରଳ ପରମ୍ପରାକୁ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସହଯୋଗରେ ଭାର୍ଚୁଆଲ ମୋଡ଼ରେ ଦିଗାମ୍ବର ଉପାଧ୍ୟାୟ ଓ ଘଟେଶର୍ ଛୁରାଙ୍କ ନେତୃତ୍ୱରେ ଗାଁର ଅନନ୍ୟ ଅଭିନବ ପରମ୍ପରାର ବଳିଷ୍ଠ ଉପସ୍ଥାପନା କରିଥିଲେ ଝୁରିମାଲ ଗ୍ରାମବାସୀ। ୨୦ ମିନିଟର ଏହି ଉପସ୍ଥାପନା ଶେଷରେ ଝୁରିମାଲ ଗ୍ରାମବାସୀଙ୍କୁ ଭୂରି ଭୂରି ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ ଆୟୋଜକମାନେ। ଦେଶ ବିଦେଶର କୋଣ ଅନୁକୋଣରୁ ଅଂଶ ଗ୍ରହଣକାରୀ ଗ୍ରାମ୍ୟ ସଂଗଠନ, ଏକତା, ଭାଇଚାରା ଓ ସହଭାଗିତାର ପ୍ରତ୍ୟକ୍ଷ ଉପସ୍ଥାପନାରେ ଅଭିଭୂତ ହୋଇଥିଲେ ତଥା ଦେଖିଥିଲେ ତାଙ୍କର ପୁରାତନ ସଂସ୍କୃତି ଆଉ ପରମ୍ପରାକୁ କେତେ ସୁନ୍ଦର ଭାବରେ ବଞ୍ଚାଇ ରଖିଛି ଏକ ଛୋଟ ଗାଁ ଝୁରିମାଲ। ଭାର୍ଚୁଆଲ ମୋଡ଼ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବକ ରଙ୍ଗିଆମୁଣ୍ଡାର ସମ୍ପାଦକ ଯୋଗଦାନ କରି କହିଥିଲେ, ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟିର ସହଯୋଗରେ ସେବକ ଦୀର୍ଘ ୮ ବର୍ଷ ଧରି ପ୍ରାକୃତିକ ସମ୍ବଳର ସୁପରିଚାଳନା ଉପରେ କାର୍ଯ୍ୟ କରିଆସୁଛି ତଥା ବିଭିନ୍ନ ସଫଳତାର କାହାଣୀକୁ ବିଭିନ୍ନ ସ୍ତରରେ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରୁଛି। ପୁରାତନ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ଝୁରିମାଲ ଗ୍ରାମବାସୀଙ୍କ ଏହି ପ୍ରୟାସ ଅନନ୍ୟ ଓ ଅତୁଳନୀୟ। ଏହା ଅନ୍ୟ ଗାଁ ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ଆମର ଐତିହ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିବା ତଥା ଜଳ, ଜମି, ଜଙ୍ଗଲକୁ ସୁରକ୍ଷା କରିବା ନିମନ୍ତେ ପ୍ରେରଣା ଯୋଗାଇବ।

## ସଂକ୍ଷେପରେ

### ହୀରାକୁଦ ସହର ରିଂରୋଡ଼ରେ ମୋ ବସ୍ ଚଳାଚଳ ଦାବି

ସମ୍ବଲପୁର, ୪।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅଞ୍ଚଳରେ ଆରମ୍ଭ ହୋଇଥିବା ମୋ ବସ୍ ସେବାର ପଥକୁ ବର୍ଦ୍ଧିତ କରି ହୀରାକୁଦ ସହରର ରିଂରୋଡ଼ରେ ଚଳାଚଳ ପାଇଁ ଦାବି କରିଛନ୍ତି ଅଞ୍ଚଳର ଛାତ୍ରୀଛାତ୍ର। ଏନେଇ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହୀରାକୁଦରେ ମୋ ବସ୍ ସେବା ଆରମ୍ଭ ହେବା ସ୍ୱାଗତଯୋଗ୍ୟ। ମାତ୍ର ସହରର ମୁଖ୍ୟରାସ୍ତାରେ ଏହି ସେବା ସୀମିତ ରହୁଥିବା ବେଳେ ସହର ସଂଲଗ୍ନ ଅନ୍ୟାନ୍ୟ ଅଞ୍ଚଳର ଅଧିବାସୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ପୂର୍ବରୁ ହୀରାକୁଦ ସହରକୁ ଆସୁଥିବା ସିଟିବସ୍ ରିଂରୋଡ୍‌ରେ ଚଳାଚଳ କରୁଥିବାରୁ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଯାତାୟତ ସହଜ ହେଉଥିଲା। ତେଣୁ ହୀରାକୁଦ ସହରରେ ମୋ-ବସ୍‌ର ପଥକୁ ରିଂରୋଡ଼ ପର୍ଯ୍ୟନ୍ତ ବର୍ଦ୍ଧିତ କରିବାକୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି କରାଯାଇଛି।

### ପଙ୍କଜିନୀ ପ୍ରଧାନଙ୍କୁ କଳିଙ୍ଗ କନ୍ୟା ସମ୍ମାନ

ସମ୍ବଲପୁର, ୪।୧୨(ପ୍ରମୋଦ ବହିଦାର)

ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ସମ୍ବଲପୁର ଜିଲା ଯୁଯୋମୁରାର ପଙ୍କଜିନୀ ପ୍ରଧାନଙ୍କୁ କଳିଙ୍ଗ କନ୍ୟା ସମ୍ମାନ-୨୪ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଞ୍ଜିନିୟରିଂ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶହେ ଜଣ ମହିଳାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ କଳିଙ୍ଗ କନ୍ୟା ପୁସ୍ତକ ପ୍ରଦାନ କରାଯାଇଥିଲା। ତେବେ ସମାଜସେବା କ୍ଷେତ୍ରରେ ଦୁଃସ୍ଥ, ନିଃସହାୟଙ୍କ ସହାୟତା ଓ ଥଇଥାନରେ ଉଲ୍ଲେଖନୀୟ ଅବଦାନ ପାଇଁ ପଙ୍କଜିନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଟ୍ରଷ୍ଟ ସଭାପତି ଡାକ୍ତର ଅଶୋକ ମହାପାତ୍ର ଯୋଗଦେଇ ପଙ୍କଜିନୀ ପ୍ରଧାନଙ୍କୁ ସମ୍ମାନଜନକ କଳିଙ୍ଗ କନ୍ୟା ସମ୍ମାନ ପ୍ରଦାନ କରିଥିଲେ।

### ବୁର୍ଲା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଆଈଅଜା ଦିବସ

ସମ୍ବଲପୁର,୪।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୨ଠାରେ ଆଈଅଜା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଝିଲ ଭୂଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦିବସର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ଅତୀତରେ ଆଈଅଜା ପରିବାର ସାଙ୍ଗରେ ରହୁଥିବା ଯୋଗୁ ଶିଶୁ ମାନଙ୍କର ବୌଦ୍ଧିକ ବିକାଶ ହେବା ସହ ସଂସ୍କାର ଶିକ୍ଷା ହୋଇ ପାରୁଥିଲା। ପିଲାମାନେ ସେମାନଙ୍କୁ ଅନୁକରଣ କରି ଅନେକ ଶିକ୍ଷା କରିପାରୁଥିଲେ। ନିର୍ଦ୍ଦେଶକ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଦିବସ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୋଗଦାନ କରିଥିବା ଆଈଅଜାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସଚେତନତା, ପାଟ୍ରୋଲିଂ ମାଧ୍ୟମରେ ହେବ ହାତୀ ସୁରକ୍ଷା

## ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ସମ୍ବଲପୁର, ୪।୧୨(ପ୍ରମୋଦ ବହିଦାର)


ସମ୍ବଲପୁର ବନ ମଣ୍ଡଳରେ ହାତୀପଲ।

ହାତୀ-ମଣିଷ ଲଢ଼େଇ ବନ ବିଭାଗ ପାଇଁ ଚିନ୍ତାର କାରଣ ସାଜିଛି। ଫସଲ ଅମଳ ସମୟରେ ହାତୀ ଗାଁମୁହାଁ ହେଉଥିବାରୁ ଫସଲକୁ ରକ୍ଷା କରିବା ପାଇଁ ଲୋକେ ପରିଣାମ ସମ୍ପର୍କରେ ଚିନ୍ତା ନ କରି ବିଭିନ୍ନ ଅନୈତିକ ଉପାୟ ଅବଲମ୍ବନ କରନ୍ତି। ଫଳରେ ହାତୀ ମୃତ୍ୟୁମୁଖରେ ପଡ଼ିବା ସ୍ୱାଭାବିକ। ତେବେ ଏହାର ନିରାକରଣ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ହାତୀ-ମଣିଷ ଲଢ଼େଇ ଥମିବାର ନାମ ନେଉନାହିଁ। ସମ୍ବଲପୁର ବନ ମଣ୍ଡଳରେ ହାତୀ-ମଣିଷ ଲଢ଼େଇରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଅଣ୍ଟା ଭିଡ଼ିଛି ସମ୍ବଲପୁର ବନ ବିଭାଗ। ନିକଟରେ ନାକଟିଦେଉଳ ରେଞ୍ଜ ବୁରୋମାଲରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନ ସଂସ୍ପର୍ଶରେ ଆସି ୩ଟି ହାତୀର ମୃତ୍ୟୁ ଘଟିଥିଲା। ଏହାକୁ ଗମ୍ଭିରତା ସହିତ ନେଇ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିଛି ବନ ବିଭାଗ। ସମ୍ବଲପୁର ମୁଖ୍ୟ ବନ ସଂରକ୍ଷକ ଟି ଅଶୋକ କୁମାର କହିଛନ୍ତି, ଜଙ୍ଗଲରେ ନିୟୋଜିତ ପାଟ୍ରୋଲିଂ ଦଳର ସଂଖ୍ୟା ବୃଦ୍ଧି ସହ ହାତୀ ଚଳପ୍ରଚଳ ଅଞ୍ଚଳରେ ଅତିରିକ୍ତ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ୧୨୦ ଜଣ ବନକର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ପାଇଁ ନିୟୋଜିତ କରାଯାଇଛି। ହାତୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଥିବା ରେଢ଼ାଖୋଲ ବନଖଣ୍ଡ ଅଞ୍ଚଳରେ ୧୨୪ ସମ୍ବେଦନଶୀଳ(ହଟସ୍ପଟ୍) ଗ୍ରାମକୁ ଚିହ୍ନଟ କରାଯାଇଛି। ଏଠାରେ ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀଙ୍କ ସହ ମିଶି ବନ କର୍ମଚାରୀମାନେ ବେଆଇନ ବିଦ୍ୟୁତ୍ ସଂଯୋଗ, ହୁକିଂ ଆଦିର ନିୟମିତ ଯାଞ୍ଚ କରୁଛନ୍ତି। ଏହାସହ ବିଭିନ୍ନ ସ୍ଥାନରେ ହାତୀଙ୍କ ଗତିବିଧି, ଧାନଫସଲକୁ ହାତୀଙ୍କ କବଳରୁ ସୁରକ୍ଷା, ବେଆଇନ୍ ବିଦ୍ୟୁତ ସଂଯୋଗ ଆଦି ସମ୍ପର୍କରେ ସୂଚନା ଦେବା ପାଇଁ ହଟସ୍ପଟ ଅଞ୍ଚଳରେ ୪ଶହ ଗଜସାଥୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ବେଆଇନ ହୁକିଂ ଜନିତ ବିଦ୍ୟୁତ ସଂଯୋଗର ପରିଣାମ ତଥା ଏଥିପାଇଁ ରହିଥିବା ଦଣ୍ଡବିଧାନ, ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ ଜନିତ କ୍ଷତିପୂରଣ ପାଇଁ ରହିଥିବା ସରକାରୀ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ନିୟମିତଭାବେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ତେବେ ଗ୍ରାମ ମଧ୍ୟକୁ ବା ବିଲ ନିକଟକୁ ହାତୀ ଆସିବା ଦେଖିଲେ ଭୟଭୀତ ନ ହୋଇ ତୁରନ୍ତ ଗଜସାଥୀଙ୍କୁ ସୂଚନା ଦେବାକୁ ମଧ୍ୟ ଲୋକଙ୍କୁ ନିବେଦନ କରାଯାଉଛି। ଏପରିକି ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ଗ୍ରାମର ଲୋକଙ୍କୁ ଦାୟିତ୍ୱ ଦିଆଯାଇ ଏଥିରେ ସେମାନଙ୍କ ସହଯୋଗ ଆହ୍ୱାନ କରାଯାଉଛି ବୋଲି କହିଛନ୍ତି ବନ ସଂରକ୍ଷକ କୁମାର।

ସମ୍ବଲପୁର ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ତଥ୍ୟ ଅନୁସାରେ ଅନୁସାରେ ଗତ ଏକ ବର୍ଷ ମଧ୍ୟରେ ସମ୍ବଲପୁର ବନ ମଣ୍ଡଳ ଅଧିନ ସମ୍ବଲପୁର ଓ ରେଢ଼ାଖୋଲରେ ବନଖଣ୍ଡରେ ୩ଟି ଲେଖାଏ ଓ ବରଗଡ଼ ବନଖଣ୍ଡରେ ଜଣକୁ ମିଶାଇ ମୋଟ ୭ଟି ହାତୀ ଓ ଶାବକଙ୍କ ମୃତ୍ୟୁ ଘଟିଛି। ସେହିପରି ସମ୍ବଲପୁର ବନ ମଣ୍ଡଳ ଅଧିନ ୭ଟି ବନଖଣ୍ଡରେ ହାତୀ ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରେ ସମ୍ବଲପୁର ବନଖଣ୍ଡରେ ୫, ବରଗଡ଼ରେ ୪ ଓ ବାମରା ବନଖଣ୍ଡରେ ୨ଜଣଙ୍କ ମୃତ୍ୟୁ ଘଟଛି। ସମସ୍ତ ମୃତକଙ୍କ ପରିବାରଙ୍କୁ ୬ ଲକ୍ଷ ଟଙ୍କା ଲେଖାଏ ସରକାରୀ ଅନୁକମ୍ପା ମିଳି ସାରିଛି ବୋଲି କହିଛନ୍ତି ବନ ସଂରକ୍ଷକ କୁମାର।

# ଜାତୀୟ ପୁସ୍ତକ ସପ୍ତାହ ଉଦ୍‌ଯାପିତ


ଜାତୀୟ ପୁସ୍ତକ ସପ୍ତାହ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

ସମ୍ବଲପୁର,୪।୧୨(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଜାତୀୟ ପୁସ୍ତକ ସପ୍ତାହ କାର୍ଯ୍ୟକ୍ରମ ଜମନକିରା ବ୍ଲକର ଖରସନମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ଦୀପ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଲାଇବ୍ରେରୀର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ସଚିନ୍ଦ୍ର କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ପଠନର ଉପକାରିତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏଥିସହ ଅଧିକରୁ ଅଧିକ ବହି ପଢିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭରୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି ପିଲାଙ୍କୁ ଉପାଦେୟ ବହି ପଢିବା ଅଭ୍ୟାସ ଜାରି ରଖି ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ କହିଥିଲେ । ଏହି ଉପଲକ୍ଷେ ଅୟୋଜିତ ପୁସ୍ତକ ପଢ଼ିବା କାହିଁକି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀ କୁମାରୀ ସମୀକ୍ଷା ପ୍ରଧାନ, ଏଲିନା ସାହୁ ଓ ସାଗରିକା ସମଦର୍ଶିନୀ ବାର୍ଲାଙ୍କୁ ଡାକ୍ତର ନାରାୟଣୀ ପଣ୍ଡାଙ୍କ ପ୍ରାୟୋଜିତ ଜନକ ପ୍ରିୟା ଟ୍ରଫି ଓ ପ୍ରମାଣପତ୍ର ସହ ଲାଇବ୍ରେରୀ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ରାଜେଶ କୁମାର ପୁରୋହିତ, ଆଲୋକ କୁମାର ବେହେରା ଓ ଅଶ୍ୱିନୀ ପୁରୋହିତ ବିଚାରକ ଦାୟିତ୍ୱ ତୁଲେଇଥିଲେ। ଶିକ୍ଷକ ବିପ୍ଳବ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ନେତ୍ରାନନ୍ଦ ଖମାରି, ପ୍ରଦୀପ ପ୍ରଧାନ, ଧବଳେଶ୍ୱର ଛତା ଓ ଅର୍ଜୁନ ମହାକୁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ପାଇଁ ସଚେତନତା କର୍ମଶାଳା


କର୍ମଶାଳାରେ ବିଡିଓଙ୍କ ସହ ଜନପ୍ରତିନିଧି ଓ ଅନ୍ୟ ଅଧିକାରୀମାନେ।

କୁଚିଣ୍ଡା, ୪।୧୨(ବିରଞ୍ଚି ଦର୍ଶୀ)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ପାଇଁ ନୂଆ ଗାଇଡଲାଇନ ଆଣିଛନ୍ତି। ଏବେ ଲୋକେ ନିଜ ସର୍ଭେ ନିଜେ କରିବେ। ଆପ ଖୋଲି ପୁରୁଣା ଘରର ଫଟୋ ଉଠାଇ ଗୋଟି ଗୋଟି କରି ତଥ୍ୟ ସବୁ ଆବାସ ପ୍ଲସ ପୋର୍ଟାଲରେ ଅପଲୋଡ କରିବେ। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ଏଥିପାଇଁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜୟନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପାରୁଆଭାଡି, ବାଙ୍କେ, ଟାଇଁସର, ଖଣ୍ଡୋକଟା, କୁଲେଇଗଡ, କୁନ୍ତରା, ସାଲେଭାଡି ଓ ହାଡିପାଲି ପଞ୍ଚାୟତରେ ହିତାଧିକାରୀମାନେ କିଭଳି ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ କରିବେ ପ୍ରଶିକ୍ଷଣ ଦିଆଯାଇଛି। ହୋଇଥିବା କର୍ମଶାଳାରେ ଜନସାଧାରଣ କିଭଳି ନିଜେ ଏହି ଯୋଜନାରେ ଆବେଦନ ତଥା ସର୍ଭେ କରିବେ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଗ୍ରାମାଞ୍ଚଳର ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ପକ୍କା ଛାତଘର ଦେଇ ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀ ଯୋଗେଇଦେବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି। ସେ ନେଇ ସରକାର ବଳକାଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହମଞ୍ଜୁରୀ ଲକ୍ଷ୍ୟରେ ନୂତନ ସର୍ଭେ ଆରମ୍ଭ ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସମସ୍ତ ସର୍ଭେ କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ନହୋଇ ଆଶାୟୀ ପରିବାର ନିଜ ସର୍ଭେ ନିଜେ କରି ଯୋଜନାରେ କିଭଳି ସାମିଲ ହୋଇପାରିବେ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳା ମାନଙ୍କରେ ହିତାଧିକାରୀଙ୍କୁ ନିଜ ଦ୍ୱାରା ସର୍ଭେ କରିବାର ପ୍ରଣାଳୀ ବୁଝାଇବା ସହ ଏଥିପାଇଁ ଆବଶ୍ୟକ ହେଉଥିବା ପରିବାର ସଦସ୍ୟଙ୍କ ଆଧାର କାର୍ଡ, ଜବକାର୍ଡ, ବ୍ୟାଙ୍କ ଜମା ଖାତା ବିବରଣୀ ଇତ୍ୟାଦି ତଥ୍ୟକୁ ପ୍ରସ୍ତୁତ ରଖିବା ପାଇଁ ଜଣାଇ ଦିଆଯାଇଥିଲା। ବିଭିନ୍ନ ପଞ୍ଚାୟତରେ ହୋଇଥିବା କର୍ମଶାଳାମାନଙ୍କରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନେ ଏହି ତାଲିମ ପ୍ରଦାନ କରିଥିଲେ। ବିଡ଼ିଓ ଜୟନ୍ତ ସାହୁ ନିଜେ ପାରୁଆଭାଡି ପଞ୍ଚାୟତରେ ଲୋକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କର୍ମଶାଳାରେ ବିପିସି ଦେବାଶିଷ ଦାଶ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରିମିତା ନାୟକ, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି, ସରପଞ୍ଚ ସୁବାସିନୀ ଧାନ, ସମିତି ସଭ୍ୟ ଧ୍ରୁବଚରଣ ବେହେରା, ଏଡିଇଓ ସୁଧିର କୁମାର ବିଶ୍ୱାଳ, ଯୋଗାଣ ସହାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଲୋକଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## କୃଷି ସମବାୟ ସମିତିର ପ୍ରଶିକ୍ଷଣ ଶିବର

ସମ୍ବଲପୁର,୪।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବରଗାଁ କ୍ରୟ କେନ୍ଦ୍ରଠାରେ ବୁଧବାର ବରଗାଁ ପ୍ରାଥମିକ କୃଷି ସମବାୟ ସମିତି ସଦସ୍ୟାସଦସ୍ୟଙ୍କ ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଧୁସୂଦନ ସହକାରୀ ପ୍ରବନ୍ଧ ସଂସ୍ଥାନ ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଶିବିରରେ ସମିତି ଅଧ୍ୟକ୍ଷ ଦେବରାଜ ପଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସମବାୟ ସମିତି ସମୂହ ସମ୍ବଲପୁରର ଉପସହକାରୀ ନିବନ୍ଧକ ଉମେଶ ଚନ୍ଦ୍ର ନାୟକ ମୁଖ୍ୟ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ସମ୍ମାନୀୟ ଅତିଥିଭାବେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମାନେଶ୍ୱର ମ୍ୟାନେଜର ଶାଖା ସେବାରାମ ପଣ୍ଡା ଏବଂ ସମ୍ପାଦକ ସୂର୍ଯ୍ୟ କୁମାର କାଣ୍ଡ ଶିବିରରେ ବିବରଣୀ ପାଠ କରିଥିଲେ। ସନ୍ତୋଷ ବାରିକ ସଭା ପରିଚାଳନା କରିଥିଲେ। ଅଧିକ ସଂଖ୍ୟାରେ ସଭ୍ୟ ସଂଯୋଗ କରି ସମିତିକୁ ବହୁମୁଖୀ ବ୍ୟବସାୟ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ଶିବିରର ମୁଖ୍ୟ ପ୍ରସଙ୍ଗ ଥିଲା। ଏହି ଶିବିରରେ ୪୨୮ଜଣ ସଭ୍ୟ ଉପସ୍ଥିତ ଥିଲେ। ବୋର୍ଡ ସଭ୍ୟ ଭବାନୀ ଶଙ୍କର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଭାଜପା ସଦସ୍ୟତା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ରାଜ୍ୟ ଓ ଜିଲା ନେତୃମଣ୍ଡଳୀ।

କୁଚିଣ୍ଡା, ୪।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ ଜିଲାସ୍ତରୀୟ ଭାଜପା ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗିରୀଶ ପଟେଲଙ୍କ ଅଧକ୍ଷତାରେ ହୋଇଥିବା କର୍ମଶାଳାରେ ଜିଲାର ରେଢାଖୋଲ, ରେଙ୍ଗାଲି, ସମ୍ବଲପୁର ଓ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭ଟି ଜୋନରୁ ମଣ୍ଡଳ ସଭାପତି ଓ ସଦସ୍ୟତା ଟୋଲି(ଟିମ) ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଓ ନାଉରୀ ନାୟକ, ଜିଲା ସାଙ୍ଗଠନିକ ନିର୍ବାଚନ ଅଧିକାରୀ ଲଲିତେନ୍ଦୁ ମହାପାତ୍ର, ଜିଲା ନିର୍ବାଚନ ସମୀକ୍ଷକ ସବିତା ନନ୍ଦ, ଜିଲା ନିର୍ବାଚନ ସମୀକ୍ଷା ସମିତି ଅଧକ୍ଷ ଶୁଶିଳ କର, ଜିଲା ସଦସ୍ୟତା ସଂଯୋଜକ ରାଧେଶ୍ୟାମ ବାରିକ, ଜିଲା ସମୀକ୍ଷକ ବିଷ୍ଣୁ ରକ୍ଷିତ, ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ମେହେର ଓ ବିଭୂତି କଲ୍ୟାଣ ପଟେଲ ଯୋଗଦେଇଥିଲେ। ସଙ୍ଗଠନକୁ ତୃଣମୂଳସ୍ତରରୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ବୁଥ୍ କମିଟି ଗଠନ ପ୍ରକ୍ରିୟାକୁ ଆସନ୍ତା ୬ ତାରିଖ ସୁଦ୍ଧା ସମାପ୍ତ କରିବାକୁ ନେତୃମଣ୍ଡଳୀ ଗୁରୁତ୍ୱାରୋପ କରିଥିଲେ। ଏତଦ୍ ବ୍ୟତୀତ ରାଜ୍ୟ କମିଟି ନିର୍ଦ୍ଦେଶ ଅନୁଯାୟୀ ପର୍ଯ୍ୟାୟକ୍ରମେ ୧୫ ତାରିଖ ମଧ୍ୟରେ ମଣ୍ଡଳ କମିଟି ଓ ୩୦ ତାରିଖ ମଧ୍ୟରେ ଜିଲା କମିଟି ଗଠନ କରିବା ଅବଧି ରହିଥିବା ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇଥିଲା। ଶେଷରେ ଜିଲା ସମୀକ୍ଷକ ବିଷ୍ଣୁ ରକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାହ୍ନୁଚରଣ ନାୟକ, ଅନୁପମା ନାୟକ, ସଚ୍ଚିଦାନନ୍ଦ ଶର୍ମା, ଶୁଶିଳ ନାୟକ, ପ୍ରିତମ ପାଣିଗ୍ରାହୀ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ବିବେକ ରାୟ, ଚିତ୍ତରଞ୍ଜନ ଭୋଇ ସହଯୋଗ କରିଥିଲେ।

# ରୋଗକୁ ସାମ୍ନା କରିବା ଶ୍ରେଷ୍ଠ ପନ୍ଥା

## କ୍ୟାନ୍‌ସର ରୋଗ ଚିହ୍ନଟ, ନିରାକରଣ ଶୀର୍ଷକ ଆଲୋଚନାଚକ୍ର



**ସମ୍ବଲପୁର, ୪।୧୨(ବି.ଶଙ୍କର):** ଡାକ୍ତର ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତାମାଳା ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ଲାଇବ୍ରେରୀ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ସଭାପତିତ୍ୱରେ କ୍ୟାନସର ରୋଗର ଚିହ୍ନଟ ଏବଂ ନିରାକରଣ ଶୀର୍ଷକ ଆଲୋନାଚକ୍ର ହୋଇଥିଲା। ମୁଖ୍ୟ ଅତିଥିଭାବେ ଆରଡିସି ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇ କହିଥିଲେ, ଗ୍ରହଣୀୟତାକୁ ବରି ନେଲେ ଜୀବନ ସହଜ ସାଧ୍ୟ ହୋଇଥାଏ । କ୍ୟାନସର ଭଳି ମାରାତ୍ମକ ରୋଗରେ ଉପଶମ ହାର ଖୁବ କମ୍। କେବଳ ରୋଗୀ ନୁହନ୍ତି, ତାଙ୍କ ଆତ୍ମୀୟ ମଧ୍ୟ ଶାରୀରିକ, ମାନସିକ ଓ ଆର୍ଥିକ ଭାବେ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ପାଇଁ ମୃତ୍ୟୁ ଅବଶ୍ୟମ୍ଭାବୀ। ଅନେକ ମହାପୁରୁଷ ଅସାଧ ରୋଗବ୍ୟାଧି ସମୟରେ ସୁଦ୍ଧା ନିଜର ସ୍ୱାଭାବିକ ଜୀବନ ପ୍ରକ୍ରିୟାକୁ ଜାରି ରଖିଛନ୍ତି। ତେଣୁ ସାହସର ସହିତ ରୋଗକୁ ସାମ୍ନା କରିବା ଓ ଆଗତ ପରିସ୍ଥିତିକୁ ଗ୍ରହଣ କରିବା ହିଁ ଶ୍ରେଷ୍ଠତମ ପନ୍ଥା ବୋଲି କହିଥିଲେ। ବିଶିଷ୍ଟ ଚିକିତ୍ସକ ଡାକ୍ତର ଏସ.କେ.ମହାପାତ୍ର କର୍କଟ ରୋଗର କାରଣ, ପ୍ରକାର ଓ ମେଡିକାଲ ସାଇନ୍ସରେ ତାର ବିଶ୍ଳେଷଣ ଉପସ୍ଥାପନ କରିଥିଲେ । ଧୂମପାନ, ନିଶା ସେବନ, ଖାଦ୍ୟପେୟରେ ଅସମଞ୍ଜତା, ପରିବେଶ ପ୍ରଦୂଷଣ ଓ ଅନ୍ୟାନ୍ୟ କାରଣ ଦର୍ଶାଇ ଖାଦ୍ୟ ପେୟରେ ସଂଯମତା, ଜୀବନ ଯାପନ ଶୈଳୀରେ ଶୃଙ୍ଖଳା ଦ୍ୱାରା କର୍କଟ ରୋଗକୁ ବହୁକାଂଶରେ ଦୂରେଇ ହେବ ବୋଲି କହିଥିଲେ । ବିଭିନ୍ନ ଲକ୍ଷଣ ବିଷୟରେ ଉଲ୍ଲେଖ କରି ଡାକ୍ତରଙ୍କ ପରାମର୍ଶ ନେଲେ ପ୍ରାଥମିକ ସ୍ତରରେ କର୍କଟ ରୋଗକୁ ଚିହ୍ନଟ କରିହେବ ବୋଲି କହିଥିଲେ। ଅର୍ଜ୍ଜୁନ ରଞ୍ଜନ ପଣ୍ଡା ତାଙ୍କ ବକ୍ତବ୍ୟରେ ଡାକ୍ତର ଜନାର୍ଦ୍ଦନ ପୂଜାରୀ କିଭଳି ତାଙ୍କ ମୃତ୍ୟୁ ସମୟକୁ ଆଗରୁ ଜାଣି ପାର ସ୍ୱାଗତ କରିଥିଲେ ତାହା ବର୍ଣ୍ଣନା କରିଥିଲେ ।

# ହିଣ୍ଡାଲ୍‌କୋ ପକ୍ଷରୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

ସମ୍ବଲପୁର, ୪।୧୨(ବି.ଶଙ୍କର)

ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ-୨୪ ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏକ ପେଡ ମା' କେ ନାମ ଅଭିଯାନ ଜରିଆରେ ହୀରାକୁଦଠାରେ ଏକ ବୃହତ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରି ପରିବେଶ ରକ୍ଷଣାବେକ୍ଷଣ ଓ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ଅଭିଯାନରେ ବୁଢ଼ାକାଟା ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଦୂଷଣର ମୁକାବିଲା ଏବଂ ସମସ୍ତଙ୍କ ପାଇଁ ସବୁଜ, ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିବାରେ ଉଭୟ ବ୍ୟକ୍ତି ଏବଂ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ଲାଣ୍ଟ ମୁଖ୍ୟ ସିପିପି ଅରୁଣ କୁମାର ସିଂହ, ପ୍ଲାଣ୍ଟ ମୁଖ୍ୟ ସ୍ମେଲଟର ପ୍ରତାପ ସାହୁ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ, ରୂପାନ୍ତରଣ ମୁଖ୍ୟ ସନ୍ଦୀପ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଆୟୋଜିତ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସରେ ଅଧିକାରୀ ଓ କର୍ମଚାରୀମାନେ।

# ଶୀତ ମହୋତ୍ସବ ଉଦ୍‌ଘାଟିତ

ସମ୍ବଲପୁର,୪।୧୨(ପ୍ରମୋଦ ବହିଦାର)


ଶୀତ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

ସମ୍ବଲପୁରରେ ଶୀତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ପିଏଚ୍‌ଡି ପଡ଼ିଆରେ ଅନୁଷ୍ଠିତ ମହୋତ୍ସବକୁ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ସଙ୍ଗୀତଜ୍ଞ ଶଙ୍କର ପ୍ରଧାନ ଓ ସମାଜସେବୀ ନରସିଂହ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ବୁଧବାର ଦ୍ୱିତୀୟ ଦିନରେ ସମ୍ବଲପୁରର ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଏକ ନୃତ୍ୟ ପ୍ରତିଯୋଗିତ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବର୍ଗର ବହୁ ସଂଖ୍ୟାରେ ନୃତ୍ୟଶିଳ୍ପୀ ଯୋଗଦେଇଥିଲେ।

କଣ୍ଠଶିଳ୍ପୀ ସ୍ୱସ୍ତିକା ହୋତାଙ୍କ କଣ୍ଠରେ ସମ୍ବଲପୁରୀ ବନ୍ଦନା ଆଖି ବୁଜିଦେଲେ ଦିଶୁଛେ ମୋତେ ମା' ସମଲେଇରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା। ସୁଧାଂଶୁ ଜାଲ, ସ୍ୱାଗତ ମିଶ୍ର, ରାଜକୁମାର ଜାଲ, ଅଜୟ କୁମାର ନାଥ ନିଜ କଣ୍ଠର ଯାଦୁରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଅନ୍ୟ କଣ୍ଠଶିଳ୍ପୀମାନେ ୯୦ ଦଶକର ଲୋକପ୍ରିୟ ସିନେମା ଗୀତ ପରିବେଷଣ କରି ଦର୍ଶକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ

## କଣ୍ଠଶିଳ୍ପୀଙ୍କ ଯାଦୁରେ ଦର୍ଶକ ବିମୋହିତ

ବାନ୍ଧି ରଖିଥିଲେ। ଏହି ଅବସରରେ ଆୟୋଜିତ ଫେଶନ୍-ଶୋରେ ମୀମାଂସା ରଥ ଓ ସାଥୀ ଆକର୍ଷଣୀୟ ଭାରତୀୟ ପାରମ୍ପରିକ ପରିପାଟୀରେ ରାମ୍ପୱାକ୍ କରିଥିଲେ। ପ୍ରବଳ ଶୀତ ମଧ୍ୟରେ ଦର୍ଶକମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ଉପଭୋଗ କରିଥିଲେ। ରୋସନୀ ବାବୁ, ଅଞ୍ଜନ ପ୍ରଧାନ ଓ ଉମାଶଙ୍କର ଦାସ ମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କମିଟି ଅଧକ୍ଷ ମହମ୍ମଦ ପରଭେଜ ଅଲ୍ଲୀ ଖାନ୍, ସଂଯୋଜକ ତ୍ରିଲୋଚନ ତ୍ରିପାଠୀ, ଆବାହକ ହମିଦ ରହେମାନ୍, ସହ ଆବାହକ ଦେବାଶିଷ ପାଢ଼ୀ, ରାମାସିସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶୀତ ମହୋତ୍ସବ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସମବାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବରଗଡ଼ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତିର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତା ଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସିଇଓ ପ୍ରହ୍ଲାଦ ମେହେର ଏବଂ ଦିପକ ନନ୍ଦ ପ୍ରଶିକ୍ଷଣ ଦେଇଥିଲେ। ବୈଠକରେ ଅମ୍ବାଭୋନା ବ୍ଲକର ୧୫ ପଞ୍ଚାୟତରୁ ପିଇଓ, ଏଫଇଓ, ଏବିଏମ, ବିଏମ ମାନଙ୍କ ସମ୍ମତିକ୍ରମେ ଅମ୍ବାଭୋନା ବିଡିଓଙ୍କୁ ଏକ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଥିଲା।

# ମଣ୍ଡି ବୁଲିଲେ, ଚାଷୀଙ୍କ ସହ ଆଲୋଚନା କଲେ

## ବନ୍ଦ ହେବ କଟନି ଛଟନି: ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ମହେଶ୍ୱର ସାହୁ

ସରଣ୍ଡା,୪।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଲିପାଲି ଓ ଲରମ୍ବା ଧାନମଣ୍ଡି ବୁଧବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ବୁଲି ଦେଖିଲେ। ଏଥିସହିତ ଚାଷୀମାନଙ୍କ ସହିତ ମିଶି ଧାନ କିଣା ବିଷୟରେ ଆଲୋଚନା କରିଛନ୍ତି। ପରିଦର୍ଶନ ସମୟରେ ଧାନମଣ୍ଡିରେ ଚାଷୀମାନଙ୍କ ବିଶ୍ରାମ ପାଇଁ ବ୍ୟବସ୍ଥା, ଚାଷୀଙ୍କ ଶୌଚ ବ୍ୟବସ୍ଥା, ସ୍ୱଚ୍ଛ ନିର୍ମଳ ପିଇବା ପାଣି ବ୍ୟବସ୍ଥା, ବାଉଣ୍ଡ୍ରି ୱାଲ, ଗୋଦାମ ଘର, ଧାନ ପରୀକ୍ଷା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟାପକ ବ୍ୟବସ୍ଥା ସବୁ ଦେଖିଥିଲେ। ଧାନ କିଣା ଟୋକନ ବ୍ୟବସ୍ଥାର ସମୟ ସୀମା ଉପରେ ଚାଷୀମାନେ ରାଜ୍ୟ ସଭାପତି ସାହୁଙ୍କଠାରେ ଆପତ୍ତି କରିଥିଲେ ଏବଂ ଚାଷୀମାନଙ୍କଠାରୁ ଶୀଘ୍ର ଧାନ କିଣାବାକୁ ଦାବି କରିଥିଲେ। ଧାନ କିଣା କାରବାରରେ ମିଲରମାନଙ୍କ ଦାଦାଗିରି ବରଦାସ୍ତ କରାଯିବ ନାହିଁ ଓ ଅସାଧୁ ଅଫିସରମାନଙ୍କ ବାଟ ମାରଣା ଦମନ କରାଯିବ। ସ୍ୱଚ୍ଛତାର ସହିତ ଧାନ କିଣାବିକା କାରବାର ହେବ ଏବଂ କଟନିଛଟନି ବନ୍ଦ କରାଯିବ ବୋଲି ରାଜ୍ୟ ସଭାପତି ସାହୁ କହିଥିଲେ। ପରିଦର୍ଶନରେ ବରଗଡ ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଯଶୋବନ୍ତ ସେଠ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ମଧୁସୂଦନ ଶର୍ମା, ସୁରୋଶ କୁମାର କର୍ଣ୍ଣ, ଜ୍ଞାନ ଚାନ୍ଦ କର୍ଣ୍ଣା, ସୁବାଷ ଚନ୍ଦ୍ର ବେହେରା, ନରେଶ ଶର୍ମା, ରାହୁଲ ମିଶ୍ର ପ୍ରମୁଖ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।



ଅତାବିରା ବ୍ଲକ ଖୁଣ୍ଟିଲିପାଲି ମଣ୍ଡିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ୪ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ



ପାଇକମାଲ,୪।୧୨(ବଡ଼ ଶତପଥୀ): ବରଗଡ଼ ଜିଲ୍ଲା ପାଇକମାଲ ପୋଲିସ ମଙ୍ଗଳବାର ରାତିରେ ଜାମସେଟ୍, ଛିନଦେକେଲା ଅଞ୍ଚଳରେ ପାଟ୍ରୋଲିଂ ବେଳେ ୪ଜଣ ଦାଦନ ଶ୍ରମିକ ଉଦ୍ଧାର କରିବା ସହ ଜଣେ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରିଛି। ଗିରଫ ଦାଦନ ସର୍ଦ୍ଦାର ହେଲେ ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଖର୍ଲି ଗାଁର କିସ୍ମତ ତାଣ୍ଡି (୩୮)। ଯାଞ୍ଚ ସମୟରେ ୩ଜଣ ପୁରୁଷ, ଜଣେ ମହିଳା ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ପଚରାଉଚରା କରି ଛାଡି ଦିଆଯାଇଛି ବୋଲି ପାଇକମାଲ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଯେ, ବେଆଇନ ଭାବେ ଦାଦନ ଶ୍ରମିକ ଚାଲାଣ କରାଯାଉଥିବା ଖବର ପାଇ ପୋଲିସ ସେହି ଅଞ୍ଚଳରେ ତଦନ୍ତ କରି ୪ଜଣ ଦାଦନ ଶ୍ରମିକ ଉଦ୍ଧାର କରିବା ସହ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.୩୦୮/୨୪) ରୁଜୁ କରି ଦାଦନ ସର୍ଦ୍ଦାର କିସ୍ମତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

## ଅଚାନକ ମଣ୍ଡି ପରିଦର୍ଶନ କଲେ ବିଡିଓ, ତହସିଲଦାର

ପଦ୍ମପୁର,୪।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ଗତ ୨୦ ତାରିଖରୁ ଧାନକିଣା ଆରମ୍ଭ ହୋଇଥିବା ବେଳେ ବୁଧବାର ପଦ୍ମପୁର ବିଡିଓ ତଥା ମଣ୍ଡି ସୁପରଭାଇଜର ଦେବାଶିଷ ସିନ୍ହା, ତହସିଲଦାର ବିପିନ ଚନ୍ଦ୍ର ପଧାନ ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଏହି ଅବସରରେ ଚାଷୀ ଓ ଧାନକ୍ରୟ ପାଇଁ ନିୟୋଜିତ ସମବାୟ ସମିତି ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିବା ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଧାନକ୍ରୟ କିପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ଆଲୋଚନା କରିବା ସହିତ ଚାଷୀମାନେ ମଣ୍ଡିକୁ ଏଫ୍ଏକ୍ୟୁ ଧାନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ମଣ୍ଡିର ଭିତ୍ତିଭୂମି ସହିତ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ।



ଦହିଗାଁ ମଣ୍ଡିରେ ଚାଷୀଙ୍କ ସହିତ ବିଡିଓ ଏବଂ ତହସିଲଦାର।

## ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସଂକଳ୍ପ ଶିବିର

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦକ୍ଷତା, ନେତୃତ୍ୱ ବୃଦ୍ଧି ପାଇଁ ସଂକଳ୍ପ ଶିବିର ଉଦ୍‌ଘାଟିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟସ୍ତରରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ କିଭଳି ନିଜର ଦକ୍ଷତା ବୃଦ୍ଧି ସହିତ ଶ୍ରେଣୀ କୋଠରୀ ପାଠ୍ୟଦାନକୁ ଆହୁରି ଆକର୍ଷଣୀୟ କରିପାରିବେ, ସେ ନେଇ ଉପାଦେୟ ପରାମର୍ଶ ଦେଇଥିଲେ। ସମଗ୍ର ଶିକ୍ଷା ବିଭାଗର ପୁଷ୍ପାଞ୍ଜଳି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୯ରୁ ୨୦୨୪ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପର୍ଯ୍ୟାୟକ୍ରମେ ସଂକଳ୍ପ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଛି।

## ଏଡ୍‌ସ ନିରାକରଣରେ ସଚେତନତା ଲୋଡ଼ା

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଜୁନିୟର ରେଡ୍‌କ୍ରସ କାଉନସେଲର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଏଚଆଇଭି ସଂକ୍ରମଣ, ଏଡ୍‌ସର କାରଣ, ଭୟାବହତା ବିଷୟରେ ଧାରଣା ଦେବା ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷର ବିଷୟବସ୍ତୁ ଟେକ୍ ଦ ରାଇଟସ୍ ପାଥ୍ ଉପରେ ଆଲୋଚନା କରାଯାଇଥିଲା। ଏଡ୍‌ସକୁ ରୋକିବା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ ରହିଛି ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜୁନିୟର ରେଡ୍‌କ୍ରସର ସଦସ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ। ସେହିପରି ଅମ୍ବାଭୋନାର କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲରେ ବିଶ୍ୱ ଏଡ୍‌ସ ଦିବସ ଏବଂ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଭୁଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଡ୍‌ସ ରୋଗର ନିୟନ୍ତ୍ରଣ ପାଇଁ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ୧୩୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ର କେଶବୀ ମେହେର, ଶିବମ ସାହୁ ଏବଂ ଆୟୁଷ ବୈଗାଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶୁଭାଶିଷ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ ହାଟପଦା ସଞ୍ଚାର ମଣ୍ଡଳୀରେ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜାର୍ଚ୍ଚନା।

## ବରଗଡ଼ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ବୃହତ୍‌ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୫ ଜାନୁୟାରୀ ୩ରୁ ଆରମ୍ଭ ହେବ। ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଦୀର୍ଘ ୧୧ ଦିନ ବ୍ୟାପୀ ବରଗଡ଼ ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ସେହିପରି ବରଗଡ଼ ଓ ଅମ୍ବାପାଲି ମଧ୍ୟରେ ବହି ଯାଇଥିବା ଜୀରାନଦୀ ହେବ ଯମୁନା। ତେବେ ଏହି ମହୋତ୍ସବ ଯେତିକି ପାଖେଇ ଆସୁଛି, ଅଞ୍ଚଳବାସୀଙ୍କ ମଧ୍ୟରେ ସେତିକି ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟା ୬ଟା ୩୦ମିନିଟ୍‌ରେ ପରମ୍ପରା ଅନୁଯାୟୀ ବରଗଡ଼ ହାଟପଦା ସଞ୍ଚାର ମଣ୍ଡଳୀରେ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏହି ଅବସରରେ ଅପରାହ୍ନ ୫ଟାରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ପୂଜାର୍ଚ୍ଚନା ପରେ ଅପରାହ୍ନ ୫ଟା ୩୦ମିନିଟ୍‌ରେ ସମଲେଶ୍ୱରୀ ମନ୍ଦିରରୁ ହାଟପଦା ସଞ୍ଚାର ମଣ୍ଡଳୀ ଅଭିମୁଖେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟା ୬ଟା ୩୦ମିନିଟ୍‌ରେ ଶୋଭାଯାତ୍ରା ହାଟପଦା ସଞ୍ଚାର ମଣ୍ଡଳୀରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ସହିତ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଉପସଭାପତି ତଥା ଏସ୍‌ପି ପି.ଏସ୍ ମୀନା କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। ଧନୁଯାତ୍ରାର ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟ କଳାକାରବୃନ୍ଦ ଏବଂ ସମିତିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## କଲେଜରେ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୪।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗର ପରାମର୍ଶକ୍ରମେ ବରଗଡ଼ ପଞ୍ଚାୟତ କଲେଜରେ ଲିଙ୍ଗ ଭିତ୍ତିକ ହିଂସା ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ନକୁଳ ସେଠ୍‌ଙ୍କ ଅଧ୍ୟକ୍ଷତାରେ ବରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ରର ପରାମର୍ଶଦାତା ତରୁଣ ପୃଷେଠ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଜିଲ୍ଲା ମହିଳା ଅଧିକାର ଓ ଶିଶୁ ସୁରକ୍ଷାର ଉପଦେଷ୍ଟା ପ୍ରତିଭା ବଘେଲ ସଭାରେ ଉପସ୍ଥିତ ରହି ନିଜ ଅଭିମତ ଉପସ୍ଥାପନ କରିଥିଲେ। କଲେଜର ପ୍ରଶାସନିକ ମୁଖ୍ୟ ଡ. ଉମେଶ ଚନ୍ଦ୍ର ମହାପାତ୍ର, ମହିଳା ଶାଖାର ଆଇନ ପରାମର୍ଶଦାତା ବିମଳ ଦାଶ, ବରଗଡ଼ ସହରାଞ୍ଚଳ ସଖୀ କାର୍ଯ୍ୟକ୍ରମର ପ୍ରଯୁକ୍ତା ରଥ, ମଧୁ ଦାଶ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ସୂର୍ଯ୍ୟକାନ୍ତୀ ସିକନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥ ପ୍ରକୃତି ନିବାସ ନବୀକରଣ ଉଦ୍‌ଘାଟନ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ପାଇକମାଲ,୪।୧୨(ବଡ ଶତପଥୀ)

ବରଗଡ଼ ଜିଲ୍ଲା ଗନ୍ଧମାର୍ଦ୍ଦନ ପର୍ବତର ଜଙ୍ଗଲ ଭିତରେ ତଥା ପଞ୍ଚୁପାଣ୍ଡବ ଘାଟ ନିକଟରେ ଥିବା ନୃସିଂହନାଥ ଇକୋଟୁରିଜମକୁ ନବୀକରଣ କରାଯାଇ ପ୍ରକୃତି ନିବାସ ନାମ କରଣ କରାଯାଇ ଉଦ୍‌ଘାଟନ କରାଯାଇଛି। ଏହାକୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସମ୍ବଲପୁର ଟି. ଅଶୋକ କୁମାର ଓ ବନଖଣ୍ଡ ଅଧିକାରୀ ବରଗଡ଼ ବିକ୍ରମଦେବ ପଟ୍ଟନାୟକ ବୁଧବାର ଉଦଘାଟନ କରିଛନ୍ତି। ଇକୋ ଟୁରିଜମକୁ ନବୀକରଣ କରାଯାଇ ଏହାର ନାମ ପ୍ରକୃତି ନିବାସ ରଖାଯାଇଛି। ଏହାର ୪ଟି ଅତ୍ୟାଧୁନିକ କୋଠରୀ, ଖାଇବା ଘର, ରୋଷେଇ ଘର ଓ କଫି କଟେଜ ପ୍ରମୁଖ ରହିଥିବା ସହ ମାଗଣା ଇଣ୍ଟରନେଟ ସୁବିଧା ମଧ୍ୟ ରହିଛି। ଉଦ୍‌ଘାଟନ କରି ଅଶୋକ କୁମାର ଉପସ୍ଥିତ ସମସ୍ତ କର୍ମଚାରୀମାନଙ୍କୁ ନିଜ କାର୍ଯ୍ୟ ଠିକ୍ ହିସାବରେ ପରିଚାଳନା କରିବା ପାଇଁ ଉପଦେଶ ଦେବା ସହ ନୃସିଂହନାଥ ପ୍ରକୃତି ନିବାସ ଦାୟିତ୍ୱରେ ଥିବା ଗୁରୁଣ୍ଡା ଗ୍ରାମର ବନ ସୁରକ୍ଷା ସଂରକ୍ଷଣ କମିଟି ସଭ୍ୟ, ସଭ୍ୟାମାନଙ୍କୁ ପ୍ରକୃତି ନିବାସର ସୁପରିଚାଳନା ନିମନ୍ତେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ପାଇକମାଲ ରେଞ୍ଜର ଆନନ୍ଦ ମିଶ୍ର, ପଦ୍ମପୁର ରେଞ୍ଜର ସୁଦାମ ଜଗଦଲା, ଏସିଏଫ୍ ରାଜେନ୍ଦ୍ର ଭୋଇ ଓ ନୃସିଂହନାଥ ଫରେଷ୍ଟର ଉଦ୍ଧବ ପ୍ରଧାନ ପ୍ରମୁଖଙ୍କ ସହ ସମସ୍ତ ବନ କର୍ମଚାରୀ ଉପସ୍ଥିତ ରହିଥିଲେ।

## ହାତୀପଲ ଯୋଗୁ ଭୟଭୀତ ଜୀବନଯାପନ

ପଦ୍ମପୁର,୪।୧୨(ପ୍ରଦୀପ୍ତ ଦାଶ)

ଖାଞ୍ଜି ପାହାଡ଼ ଅଞ୍ଚଳରେ ୨ ସପ୍ତାହରୁ ଅଧିକ ଦିନ ହେବ ହାତୀପଲ ସ୍ଥାୟୀ ଭାବେ ରହିଯାଉଥିବାରୁ ଜନସାଧାରଣ ଏକ ଭୟ ବାତାବରଣରେ ରହୁଛନ୍ତି। ହାତୀର ସୁରକ୍ଷା ପାଇଁ ବିଦ୍ୟୁତ୍ ବିଭାଗ ହାତ ମିଳାଇ ବିଦ୍ୟୁତ୍ ସଂଯୋଗ ଛିନ୍ନ କରୁଛନ୍ତି। ସନ୍ଧ୍ୟା ସମୟରୁ ତାଟି କବାଟ ପଡୁଛି। ଘେଁସ ଓ ପଦ୍ମପୁର ବନାଞ୍ଚଳ କର୍ମଚାରୀ ହାତୀ ଘଉଡ଼ାଇବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ହାତୀପଲ ଅନ୍ୟତ୍ର ଯାଉନାହାନ୍ତି। ମଙ୍ଗଳବାର ହାତୀପଲ ଜମଲା, ଡୁଙ୍ଗୁରିପାଲି, ଢୋଲବନ୍ଧ, ପଲଶାପାଲି ଅଞ୍ଚଳରେ ରହିଥିଲେ। ଚାଷୀ ଧାନ ଅମଳ ପାଇଁ ବିଲକୁ ଯିବା ପାଇଁ ଭୟ କରୁଛନ୍ତି। ଏଭଳି ପରିସ୍ଥିତିରେ ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା କୌଣସି ଅଧିକାରୀ, ଜନପ୍ରତିନିଧି ଅଞ୍ଚଳକୁ ଆସି କ୍ଷତିଗ୍ରସ୍ତ ଚାଷୀଙ୍କୁ ସମବେଦନା ଦେଉନାହାନ୍ତି। ଜମଲା, ଡୁଙ୍ଗୁରିପାଲି, ଢୋଲବନ୍ଧ, ପଲଶାପାଲିରେ ଘେଁସ ଓ ପଦ୍ମପୁର ରେଞ୍ଜରଙ୍କ ତତ୍ତ୍ୱାବଧାନରେ ଗଠିତ ବନବିଭାଗ ଟିମ ଚାଷୀଙ୍କୁ କ୍ଷତିପୂରଣ ମିଳିବା ସକାଶେ ଡିଜିଟାଲ ସାହାଯ୍ୟରେ ଆବେଦନ ପାଇଁ ସହାୟତା କରୁଛନ୍ତି ଏବଂ ସଚେତନତା ପରାମର୍ଶ ଦେଉଛନ୍ତି।



ଖୁଜେନ ଅଞ୍ଚଳରେ ହାତୀପଲ।

## ଛାତ୍ରୀଛାତ୍ରଙ୍କ ଶିକ୍ଷାମୂଳକ ଭ୍ରମଣ

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଏମବିଏ, ବିବିଏ ଏବଂ ବିସିଏ ଛାତ୍ରୀଛାତ୍ର ଶିକ୍ଷାମୂଳକ ଭ୍ରମଣ ସାରି ଫେରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ୬ଜଣ ଏମ୍‌ବିଏ ଏବଂ ୩୦ଜଣ ବିବିଏ ଛାତ୍ରୀଛାତ୍ର ଉପାଧ୍ୟକ୍ଷ ଦୀପକ କୁମାର ନାୟକ, ଅଧ୍ୟାପକ ଡ. ଶୁଭମ କୁମାର ଦାଶ ଏବଂ ମନୀଷ ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଭ୍ରମଣରେ ଯାଇଥିଲେ। ଦିଲ୍ଲୀ, ସିମଲା, କୁଫ୍ରି, ଫାଗୁ, ମନାଲି, ସୋଲାଙ୍ଗ, ଭ୍ୟାଲି, ଅଞ୍ଜନୀ ମହାଦେବ ମନ୍ଦିର, ମଣିକରଣ ସାହେବ ଗୁରୁଦ୍ୱାରା ଆଦି ଅଞ୍ଚଳ ସେମାନେ ପରିଭ୍ରମଣ କରିଥିଲେ। ୧୧ଦିନର ଏହି ଭ୍ରମଣରେ ସେମାନେ ବିଭିନ୍ନ ଜ୍ଞାନ ଆହରଣ କରିଥିଲେ।





## ପ୍ରଦୂଷଣମୁକ୍ତ ପରିବେଶକୁ ଗୁରୁତ୍ୱ

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

ମଣିଷ ବଞ୍ଚିରହିବା ପାଇଁ ପ୍ରଦୂଷଣମୁକ୍ତ ପରିବେଶ ଅପରିହାର୍ଯ୍ୟ। ସମଗ୍ର ବିଶ୍ୱ ପାଇଁ ପରିବେଶ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଛି। ଏହାକୁ ଆଖିଆଗରେ ରଖି ସ୍ୱଚ୍ଛ, ନିର୍ମଳ ପରିବେଶ ସୃଷ୍ଟି କରିବା ପାଇଁ ବ୍ୟାପକ ସଚେତନତା ଲୋଡ଼ା। ବରଗଡ଼ ଜିଲ୍ଲା ଅମ୍ବାଭୋନା ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଅନୁଷ୍ଠିତ ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି। ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବର ମାଷ୍ଟର ଟ୍ରେନର କାର୍ଯ୍ୟକ୍ରମରେ ଯୋଗଦେଇ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ହେବା ଦ୍ୱାରା ମାନବ ଜୀବନ କିଭଳି ପ୍ରଭାବିତ ହେଉଛି, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଇକୋ କ୍ଲବ ଶିକ୍ଷୟିତ୍ରୀ ଅଞ୍ଜଳି ବିଶ୍ୱାଳ ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା କୁଜୁର ସହଯୋଗ କରିଥିଲେ। ଇକୋ କ୍ଲବର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।



ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ।

## ମହିଳାଙ୍କୁ ମାଗଣାରେ ଦିଆଯାଉ ଏଚ୍‌ପିଭି ଭ୍ୟାକସିନ୍

### ବରଗଡ଼ ମହିଳା ସମିତିର ଦାବି

ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)

କ୍ୟାନ୍‌ସର ଆମ ଦୈନନ୍ଦିନ ଜୀବନର ବ୍ୟାଧି ରୂପେ ଦେଖାଦେଇ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରତ୍ୟେକ ପରିବାରକୁ ପ୍ରଭାବିତ କରୁଛି। ମୁଖ୍ୟତଃ ସର୍ଭିକାଲ କ୍ୟାନ୍‌ସର ଏକ ସାଧାରଣ ବ୍ୟାଧି ପରି ମହିଳାମାନଙ୍କଠାରେ ଦେଖାଯାଉଛି। ୫୦ରୁ ୫୫ ବର୍ଷ ବୟସର ମହିଳାଙ୍କଠାରେ ୩ବି ଷ୍ଟେଜ କ୍ୟାନ୍‌ସର ଦେଖାଯିବା ଏକ ଚିନ୍ତାର ବିଷୟ ବୋଲି ବରଗଡ଼ ମହିଳା ସମିତି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି ମର୍ମରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାର ମହିଳାମାନଙ୍କୁ ଭବିଷ୍ୟତରେ କ୍ୟାନ୍‌ସରରୁ ସୁରକ୍ଷିତ ରଖିବା ପାଇଁ ଉପଲବ୍ଧ ଏଚ୍.ପି.ଭି. ଭାକ୍ସିନ୍ ମାଗଣାରେ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସେଥିରେ କୁହାଯାଇଛି ଯେ, ମହିଳାମାନଙ୍କୁ କ୍ୟାନ୍‌ସର ଭଳି ଦୁରାରୋଗ୍ୟରୁ ସୁରକ୍ଷିତ ରଖିବା ପାଇଁ ୯ ରୁ ୧୪ ବର୍ଷ ବୟସ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି ଭାକ୍ସିନ୍ ପ୍ରଦାନ କରାଯିବା ଆବଶ୍ୟକ। ଭାକ୍ସିନ୍‌ର ମୂଲ୍ୟ ଅଧିକ ଥିବାରୁ ସାଧାରଣବର୍ଗ ଏହାର ସୁଯୋଗ ନେଇପାରୁନାହାନ୍ତି ବୋଲି ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିପତ୍ରରେ ଆହୁରି ଉଲ୍ଲେଖ ରହିଛି, କ୍ୟାନସରମୁକ୍ତ ସମାଜ ଗଠନ ଉଦ୍ୟମରେ କେତେକ ରାଜ୍ୟ ସରକାର ମାଗଣାରେ ଏଚ୍.ପି.ଭି. ଭାକ୍ସିନ୍ ପ୍ରଦାନ କରିବାକୁ ଘୋଷଣା କରି ସାରିଛନ୍ତି। ସେହି ରାଜ୍ୟଗୁଡ଼ିକ ହେଲା ପଞ୍ଜାବ, ସିକ୍କିମ, କର୍ଣ୍ଣାଟକ, ତାମିଲନାଡୁ, ଛତିଶଗଡ଼ ଓ ମହାରାଷ୍ଟ୍ର। ମାଗଣା ଭାକ୍ସିନ୍ କାର୍ଯ୍ୟକ୍ରମ ସେମାନେ କ୍ୟାନସର ପ୍ରବଣ କେତେକ ଜିଲ୍ଲାର ସ୍କୁଲ ଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ପାଇଲଟ ଯୋଜନାର ଅଂଶ ଭାବରେ ଗ୍ରହଣ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେହିପରି ଗତ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କେନ୍ଦ୍ର ସରକାର ତାଙ୍କ ୨୦୨୪-୨୦୨୫ ବର୍ଷ ମଧ୍ୟବର୍ତ୍ତୀ କାଳୀନ ବଜେଟରେ ମହିଳାମାନଙ୍କୁ ସରଭାଇକେଲ କ୍ୟାନସରରୁ ସୁରକ୍ଷା ଦେବା ପାଇଁ ୯ରୁ୧୪ ବର୍ଷ ଝିଅମାନଙ୍କୁ ଭ୍ୟାକସିନ ପ୍ରଦାନରେ ପ୍ରୋତ୍ସାହନ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦାବିପତ୍ରରେ ଦିଆଯାଇଥିବା ତଥ୍ୟରେ ଦର୍ଶାଯାଇଛି ଯେ, ନ୍ୟାଶନାଲ କ୍ୟାନସର ପଞ୍ଜୀକରଣ କାର୍ଯ୍ୟକ୍ରମର ସୂଚନା ଅନୁଯାୟୀ, ଭାରତର ମହିଳାମାନଙ୍କ ମଧ୍ୟରେ ସାଧାରଣତଃ ସ୍ତନ ଓ ସର୍ଭିକ୍ସ କ୍ୟାନସର ମୁଖ୍ୟତଃ ୫୫ ରୁ ୫୯ ବର୍ଷ ବୟସରେ ଦେଖାଯାଉଛି। ଓଡ଼ିଶାର ଗ୍ରାମାଞ୍ଚଳର ମହିଳା ଶିକ୍ଷା ୫୦ ଭାଗରୁ କମ ଥିବା ବେଳେ କ୍ୟାନସରରେ ଆକ୍ରାନ୍ତଙ୍କ ମଧ୍ୟରେ ୯୦ ଭାଗରୁ ଅଧିକ ସର୍ଭାଇକାଲ କ୍ୟାନସରରେ ପୀଡ଼ିତାଙ୍କ ବୟସ ୫୦ରୁ ୫୫ ବର୍ଷ ରହିଛି। ସେମାନଙ୍କ ମଧ୍ୟରୁ ୬୦ ଭାଗରୁ ଅଧିକ ରୋଗୀ ୩ବି ଷ୍ଟେଜରେ ଥିବା ରୋଗୀଙ୍କ ହାରାହାରି ବୟସ ୫୩.୫ ବର୍ଷ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ଆମ ଦେଶରେ ଉପଲବ୍ଧ ସତ୍ତ୍ୱେ ସର୍ଭାଇକାଲ୍ କ୍ୟାନସର ଦ୍ୱିତୀୟ ସାଧାରଣ ରୋଗ ଭାବରେ ଚିହ୍ନଟ ହୋଇଛି। ଏଭଳି ଉଦବେଗ ଜନକ ପରିସ୍ଥିତିରେ ମୁକାବିଲା ତଥା କ୍ୟାନସର ମୁକ୍ତ ସମାଜ ଗଠନ ପାଇଁ ଓଡ଼ିଶା ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସମୂହ ଭାବେ ମହିଳାମାନଙ୍କୁ ମାଗଣାରେ ଏଚ.ପି.ଭି. ଭାକ୍ସିନ୍ ପ୍ରଦାନ କରାଯିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବରଗଡ଼ ମହିଳା ସମିତି ଦାବି କରିଛି। ଜିଲ୍ଲାପାଳ ଗୋୟଲ ରାଜ୍ୟ ସରକାରଙ୍କ ବିଚାର ପାଇଁ ଦାବିପତ୍ର ପଠାଇବେ ବୋଲି କହିଥିଲେ। ବରଗଡ଼ ମହିଳା ସମିତି ସଭାନେତ୍ରୀ ହରଜିନ୍ଦର୍ କୌରଙ୍କ ନେତୃତ୍ୱରେ ଇନ୍ଦ୍ରାଣୀ ଶତପଥୀ, କନକ ପ୍ରଧାନ, ରାଧାରାଣୀ ମିଶ୍ର, ମମତା ମିଶ୍ର, ସୁଜାତା ପଣ୍ଡା, ପ୍ରଣତି ପଣ୍ଡା, ସୁଧାଂଶୁବାଳା ଦାଶ, ସଂଘମିତ୍ରା ପଟେଲ, ଜୟନ୍ତୀ ପ୍ରଧାନ, ସରିତା ସଲୋନି ଦାସ ପ୍ରମୁଖ ସାମିଲ ହୋଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବରଗଡ଼ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

